visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.261 Bhubaneswar Tuesday December 06 2022 | ୨୫ତମ ବର୍ଷ ସଂଖ୍ୟା-୨୬୧ ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୦୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଏକ୍ଜିଟ୍ ପୋଲ: ଗୁଜରାଟରେ ଜାରି ରହିବ ବିଜେପି ଶାସନ, ଆପ୍‌ର ଫ୍ଲପ୍ ଶୋ

ନୂଆଦିଲ୍ଲୀ,୫।୧୨(ପି.ଏନ): ଦୀର୍ଘ ୨୭ ବର୍ଷ ହେଲା ଗୁଜରାରେ ରାଜି ରହିଥିବା ବିଜେପି ରାଜ ଆଗକୁ ମଧ୍ୟ ଚାଲିବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ରାଜ୍ୟରେ ବିଜେପିକୁ ହରାଇବା ପାଇଁ ବିରୋଧୀ ଯେଉଁ ରଣନୀତି କରିଥିଲେ, ତାହା ଫେଲ ମାରିବ। ଆପ୍ ?ର ମାଗଣା ଯୋଜନା ଲାଗୁ କରିବାର ସ୍ୱପ୍ନ ମଧ୍ୟ କାମ ଦେବନି। ବିଜେପି କ୍ରମାଗତ ୭ମ ଥର ପାଇଁ ଗୁଜରାଟରେ ବାଜିମାତ କରିବ। ଏକଥା ଆମେ କହୁନୁ ବରଂ ଗୁଜରାଟ ନିର୍ବାଚନକୁ ନେଇ ପ୍ରକାଶ ପାଇଥିବା ବିଭିନ୍ନ ଏକଜିଟ୍ ? ପୋଲକୁ ଆକଳନ କଲେ ଏପରି ତଥ୍ୟ ସାମ୍ନାକୁ ଆସିଛି।ଏକଜିଟ ପୋଲ ରିପୋର୍ଟ ଅନୁଯାୟୀ, ବିଜେପି ଗୁଜରାଟରେ ଏକତରଫା ବିଜୟ ହାସଲ କରିବ। କଂଗ୍ରେସ ପୂର୍ବଭଳି ଦ୍ୱିତୀୟ ସ୍ଥାନରେ ରହିଥିଲେ ମଧ୍ୟ ବିଜେପି ଠାରୁ ବହୁତ କମ ଆସନ ପାଇବ। ଗୁଜରାଟରେ ପ୍ରଥମଥର ନିଜର ଭାଗ୍ୟ ପରୀକ୍ଷା କରିବାକୁ ଅଣ୍ଟା ଭିଡିଥିବା ଆପ୍ ସଂପୂର୍ଣ୍ଣ ଭାବେ ଫ୍ଲପ ମାରିବ। ଦଳ ତୃତୀୟ ସ୍ଥାନରେ ରହି ୧୦ରୁ କମ ଆସନ ପାଇବ ବୋଲି ବିଭିନ୍ନ ସଂସ୍ଥା ଏକଜିଟ ପୋଲରେ ଦାବି କରିଛନ୍ତି।ଗୁଜରାଟର ୧୮୨ ଆସନରୁ ପୋଲ ଅଫ ପୋଲ ଅନୁଯାୟୀ, ବିଜେପି ୧୩୧ଟି ଓ



କଂଗ୍ରେସ ଏବଂ ଏନସିପି ମିଳିତ ଭାବେ ୪୧ଟି ଆସନ ଜିତିବେ। ୨୦୧୭ ତୁଳନାରେ କଂଗ୍ରେସର ଆସନ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇବ। ବିଜେପି ୧୦୦ରୁ ଅଧିକ ଆସନ ଜିତିବ। ଦମଦାର ପ୍ରଚାର ଓ ମାଗଣା ଯୋଜନା ଲାଗୁ କରିବାର ସ୍ୱପ୍ନ ଦେଖାଇଥିବା ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଆପ୍ ?କୁ କିନ୍ତୁ ଶକ୍ତ ଝଟକା ଲାଗିବ। ଦଳ ଏଠାରେ ୧୦ରୁ କମ ଆସନରେ ସୀମିତ ରହିବ ବୋଲି ବିଭିନ୍ନ ସର୍ଭେ ? ସଂସ୍ଥା ନିଜ ନିଜର ଏକଜିଟ ପୋଲରେ ଦର୍ଶାଇଛନ୍ତି ।ପି-ଏମଏଆରକ୍ୟୁର ଏକଜିଟ ପୋଲ ଅନୁଯାୟୀ, ବିଜେପି ଗୁଜରାଟରେ ୧୨୮-୧୪୮, କଂଗ୍ରେସ ୩୦-୪୨, ଆପ ୨-୧୦ ଓ ଅନ୍ୟାନ୍ୟ ଦଳ ସର୍ବାଧିକ ୩ଟି ଆସନ ଜିତିବେ। ଜନ କୀ ବାତ କହିଛି ଯେ ବିଜେପି ୧୧୭-୧୪୦, କଂଗ୍ରେସ ୩୪-୫୧, ଆପ୍ ? ୬-୧୩ ଓ ଅନ୍ୟାନ୍ୟ ଦଳ ୧-୨ ଆସନ ଜିତିବ।ଟିଭି ୯ ଗୁଜରାଟୀ କହିଛି ଯେ ବିଜେପି ୧୨୫-୧୩୦, କଂଗ୍ରେସ ୪୦-୫୦, ଆପ୍ ୩-୫ ଓ ଅନ୍ୟାନ୍ୟ ଦଳ ୩-୭ଟି ଆସନରେ ଜିତିବେ। ଟାଇମ୍ସ ନାଓ କହିଛି ଯେ ବିଜେପି ୧୩୧ଟି, କଂଗ୍ରେସ ୪୧, ଆପ୍ ୬ ଓ ଅନ୍ୟାନ୍ୟ ଦଳ ୪ଟି ଆସନରେ ବାଜିମାତ କରିବେ।

### ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତ ଇତିହାସ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୫।୧୨(ପି.ଏନ) :୨୦୨୦ ମସିହା ଜୁନ ମାସ ୭ ତାରିଖ ଦିନ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ମିଳିଥିଲା । ଏହା ପୂର୍ବରୁ ୧୯୯୪ ମସିହା ଡିସେମ୍ବର ମାସ ୨୧ ତାରିଖ ଦିନ ଠାରୁ ବିଧାନ ସଭାରେ ମର୍ଯ୍ୟାଦାର ସହିତ ପ୍ରଥମେ ଗାନ କରାଯାଇଥିଲା । ଏହି ୧୯୯୪ ମସିହାରୁ ୨୦୨୦ ମସିହା ପର୍ଯ୍ୟନ୍ତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଁ ବହୁ ସଂଗ୍ରାମ କରାଯାଇଥିଲା । ଏହି ସବୁ ତଥ୍ୟ ସମ୍ବଳିତ ରାଜ୍ୟ ସଙ୍ଗୀତର ଇତିହାସ ପୁସ୍ତକକୁ ଆଜି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି । ଉନ୍ମୋଚନ ପରେ ଶ୍ରୀ ପଟ୍ଟନାୟକ ପ୍ରଥମ ତିନି ଖଣ୍ଡ ପୁସ୍ତକ ଗାନ୍ଧୀବାଦି ନେତା, ଲେଖକ ଓ ସ୍ତମ୍ଭକାର ପଦ୍ମ ଚରଣ ନାୟକ, ପୂର୍ବତନ ମନ୍ତ୍ରୀ ତଥା ଲେଖକ ପଂଚାନନ କାନୁନଗୋ ଓ ବନ୍ଦେ ଉତ୍କଳ ଜନନୀର ରଚୟୀତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାୟଦ ଗୁରୁ କଲ୍ୟାଣ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ । ଉନ୍ମୋଚନ ଉତ୍ସବରେ ପୁସ୍ତକର ଲେଖକ ତଥା ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସହିତ ମାନସ ରଞ୍ଜନ ସାମଲ ଓ କ୍ଷେତ୍ରବାସୀ ନାୟକ ଉପସ୍ଥିତ ଥିଲେ ।

### ଅଗ୍ନିକାଣ୍ଡରେ ଜଳିଗଲା ଏଟିଏମ୍

ଭୁବନେଶ୍ୱର, ୫।୧୨(ପି.ଏନ) : ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା କେନାଲରୋଡ ନିକଟରେ ଥିବା ଏସବିଆଇ ଏଟିଏମ୍ ରେ ଆଜି ନିଆଁ ଲାଗି ଜଳି ଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ ଏଟିଏମ୍ ରେ ଥିବା ଟଙ୍କା ଜଳିଛି କି ନାହିଁ ଜଣାପଡିନାହିଁ। ସ୍ଥାନୀୟ ଲୋକେ ତୁରନ୍ତ ଏନେଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଂଚି ନିଆଁକୁ ଆୟତ କରିଥିଲା।

## ପଦ୍ମପୁର ଉପନିର୍ବାଚନ : ସରିଲା ଭୋଟିଂ, ଇଭିଏମ୍ ରେ ସିଲ୍ ପ୍ରାର୍ଥୀଙ୍କ ଭାଗ୍ୟ

ଭୁବନେଶ୍ୱର, ୫।୧୨(ପି.ଏନ) : ପଦମପୁର ଉପନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ଇଭିଏମ୍ ରେ ସିଲ୍ ହୋଇଛି ୧୦ ପ୍ରାର୍ଥୀଙ୍କ ଭାଗ୍ୟ। ସଂଧ୍ୟା ୫ଟା ସୁଦ୍ଧା ୭୫.୮୯ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସୋମବାର ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇଥିବା ବେଳେ ଅପରାହ୍ନ ୪ଟା ସୁଦ୍ଧା ଭୋଟ୍ ଗ୍ରହଣ ଅବଧି ଶେଷ ହୋଇଥିଲେ ହେଁ ଭୋଟର ଲାଇନ୍ ରେ ଥିବାରୁ ସଂଧ୍ୟା ପର୍ଯ୍ୟନ୍ତ ଭୋଟିଂ ଜାରି ରହିଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଅପରାହ୍ନ ୩ ଟା ସୁଦ୍ଧା ୬୫.୨୮% ଭୋଟିଂ ହୋଇଛି। ୮୯ଟି ବୁଥ୍ ରେ ପ୍ରାୟ ୧୨ ହଜାର ଜଣ ଭୋଟ ଦେବାକୁ ଲାଇନ୍ ରେ ଅଛନ୍ତି। ୪ଟା ସୁଦ୍ଧା ଯେଉଁମାନେ ବୁଥ୍ ରେ ପହଂଚିଥିଲେ, ଟୋକନ ଧରି ଲାଇନ ଦେଇଛନ୍ତି। ଯାହା ଜଣାପଡୁଛି ୬ଟା/ ସାଢ଼େ ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ୨୦୧୯ରେ ମତଦାନ ହାର ୭୯.୦୫% ଥିଲା। ଏଥର ସେତିକି ହେବା ଅନୁମାନ କରାଯାଉଛି। ଅପରପକ୍ଷରେ ଆସନ୍ତା ୮ ତାରିଖ ସକାଳୁ ଗଣତି ଆରମ୍ଭ ହେବ।ସୋମବାର ସକାଳ ସାଢ଼େ ୫ଟାରୁ ମକ୍ ପୋଲିଂ ଆରମ୍ଭ ହୋଇଥିଲା । ପଦ୍ମପୁର ନିର୍ବାଚନମଣ୍ଡଳୀର ମୋଟ୍ ୩୧୯ ବୁଥ୍‌ରେ ୨ ଲକ୍ଷ ୬୯ ହଜାର ୩୨୬ଜଣ ଭୋଟର ରହିଛନ୍ତି। ସେଥିମଧ୍ୟରୁ ୧ ଲକ୍ଷ ୩୦ ହଜାର ୩୩୧ ପୁରୁଷ ଓ ୧ ଲକ୍ଷ ୨୮ ହଜାର ୯୮୧ ମହିଳା ଭୋଟର ଅଛନ୍ତି। ଭୋଟ୍ ଗ୍ରହଣ ପାଇଁ ମୋଟ୍ ୧୨ ଶହ ୭୬ ଜଣ ପୋଲିଂ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଥିଲା। ମୋଟ୍ ୧୨୦ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା ସାଙ୍ଗକୁ ୬୬ଟି ବୁଥ୍ ସିସିଟିଭି ସର୍ଭେଲାନ୍ସ ଭିତରେ ରହିଥିଲା। ଅନ୍ୟ ପକ୍ଷରେ ପଦ୍ମପୁର ଉପନିର୍ବାଚନ ପାଇଁ ଆଜି ସକାଳେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ଓ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ବର୍ଷା ସିଂ ବରିହା ଲାଇନରେ ଛିଡ଼ା ହୋଇଥିଲେ। ତାପରେ ସେ ୨୧୩ ନଂ ବୁଥରେ ଭୋଟ ଦେଇଥିଲେ। ଏହାପରେ ସେ କହିଛନ୍ତି, ପଦ୍ମପୁରର ବିକାଶ ପାଇଁ ସମସ୍ତେ ଭୋଟ ଦିଅନ୍ତୁ। ସେହିପରି ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ନିଜର ଧର୍ମପତ୍ନୀ, ମା ଓ ଦୁଇ ପୁତୁରାଙ୍କ ସହ ଲମ୍ୱା ଧାଡ଼ିରେ ଠିଆ ହୋଇଭୋଟ ଦେଇଥିବା ଦେଖିବାକୁ ମିଳିଛି । ସେ ୧୨୮ ନଂ ବୁଥରେ ଭୋଟ ଦେଇଥିଲେ। ପଦ୍ମପୁରବାସୀଙ୍କ ଭିତରେ ବି ପ୍ରବଳ ଆଗ୍ରହ ପରିଲକ୍ଷିତ ହୋଇଛି। ଭୋଟ ଦେବା ପରେ ସେ ଖୁବ୍ ଉତ୍ସାହିତ ଥିବା କହିଛନ୍ତି ।ନିର୍ବାଚନମଣ୍ଡଳୀରେ ସମୁଦାୟ ୩୧୯ଟି ବୁଥ୍ ରୁ ୪୬ଟି ମାଓ ଅଧ୍ୟୁଷିତ ଇଲାକାରେ ରହିଛି। ୧୫୨ଟି ସମ୍ବେଦନଶୀଳ ଓ କ୍ରିଟିକାଲ୍ ବୁଥ୍ ରହିଛି। ଏହି ବୁଥ୍ ଗୁଡ଼ିକରେ ଶାନ୍ତି ଶୃଙ୍ଖଳାର ସହିତ ମତଦାନ ପାଇଁ ସିସିଟିଭି ଓ ୱେବ୍ କ୍ୟାମେରା ବ୍ୟବହାର ସହ ବୁଥ୍ ପିଛା ଜଣେ ମାଇକ୍ରୋ ଅବଜର୍ଭର ରହିଛନ୍ତି। ମୋଟ ୩୧୯ଟି ବୁଥ୍ ରେ ୧୨୭୬ ଜଣ ପୋଲିଂ ଅଧିକାରୀ ୧୨୮ ଜଣ ରିଜର୍ଭ ପୋଲିଂ ଅଧିକାରୀ ରହିଛନ୍ତି। ୩୮ ଜଣ ପୁଲିସ ଅଧିକାରୀ, ୩୪ ସେକ୍ସନ ସିଆର୍ପିଏଫ୍, ୩୧୯ ସୁରକ୍ଷା କର୍ମୀ, ୧୨୩ ଜଣ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ନିର୍ବାଚନମଣ୍ଡଳୀର ପ୍ରତି ବ୍ଲକ୍ରେ ୨ଟି ଲେଖାଏଁ ମୋଟ୍ ୬ଟି ପିଙ୍କ୍ ବୁଥ୍ ଓ ୧୫ଟି ଆଦର୍ଶ ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି।ସୂଚନାଯୋଗ୍ୟ ଯେ ବିଜେଡି ବିଧାୟକ ବିଜୟ ରଂଜନ ସିଂ ବରିହାଙ୍କ ବିୟୋଗ ଯୋଗୁଁ ପଦମପୁରରେ ଉପନିର୍ବାଚନ ଅନୁଷ୍ଠିତ ହେଉଛି। ସ୍ୱର୍ଗତ ବରିହାଙ୍କ ଝିଅ ବର୍ଷା ଓ ପୂର୍ବତନ ବିଜେପି ବିଧାୟକ ପ୍ରଦୀପ ପୁରୋହିତଙ୍କ ସମେତ ନିର୍ବାଚନ ମଇଦାନରେ ମୋଟ ୧୦ ଜଣ ପ୍ରାର୍ଥୀ ରହିଛନ୍ତି। ପଦ୍ମପୁର ନିର୍ବାଚନମଣ୍ଡଳୀର ମୋଟ୍ ୩୧୯ ବୁଥିରେ ୨ ଲକ୍ଷ ୬୯ ହଜାର ୩୨୬ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରୁଛନ୍ତି। ମୋଟ ୩୧୯ଟି ବୁଥ୍ ରେ ୧୨୭୬ ଜଣ ପୋଲିଂ ଅଧିକାରୀ ୧୨୮ ଜଣ ରିଜର୍ଭ ପୋଲିଂ ଅଧିକାରୀ ରହିଛନ୍ତି। ୩୮ ଜଣ ପୁଲିସ ଅଧିକାରୀ, ୩୪ ସେକ୍ସନ ସିଆରପିଏଫ୍, ୩୧୯ ସୁରକ୍ଷା କର୍ମୀ, ୧୨୩ ଜଣ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି।

### ଦିଲ୍ଲୀରେ ପହଂଚିଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୫।୧୨(ପି.ଏନ) : ଦିନିକିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେଠାରେ ଅନୁଷ୍ଠିତ ହେବାକୁ ଥିବା ଜି୨୦ ବୈଠକରେ ସେ ଯୋଗଦେବେ। ସୋମବାର ଦିନ ଦିଲ୍ଲୀରେ ପହଂଚିବା ପରେ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଠାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଜି୨୦ ବୈଠକରେ ଯୋଗ ଦେବାକୁ ତାଙ୍କୁ ନିମନ୍ତ୍ରଣ କରାଯାଇଛି। ସେଥିରେ ସେ ଯୋଗ ଦେଉଛନ୍ତି।

### ବଙ୍ଗୋପ ସାଗରରେ ଭୂମିକମ୍ପ ଅନୁଭୂତ

ଭୁବନେଶ୍ୱର, ୫।୧୨(ପି.ଏନ) : ବଙ୍ଗୋପସାଗରର ଗଭୀର ସମୁଦ୍ରରେ ଭୂମିକମ୍ପ ଅନୁଭବ ହୋଇଛି । ସକାଳ ୮ଟା ୩୨ ମିନିଟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିବା ନ୍ୟାସନାଲ ସେଣ୍ଟର୍ ଫର୍ ସେସମୋଲୋଜୀ ପକ୍ଷରୁ ସୂଚନା ଦିଆଯାଇଛି । ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୫.୧ ରେକର୍ଡ ହୋଇଥିବା ଜଣା ପଡିଛି ।ମିଳିଥିବା ସୂଚନା ଅନୁସାରେ ବଙ୍ଗଳାଦେଶର ରାଜଧାନୀ ଢାକା ଠାରୁ ଦକ୍ଷିଣ-ପଶ୍ଚିମ ଦିଗରେ ୫୨୯ କିମି, କକ୍ସ ବଜାରଠାରୁ ଦକ୍ଷିଣ ପଶ୍ଚିମ ଦିଗରେ ୩୪୦ କିମି ଏବଂ ଚଟ୍ଟଗ୍ରାମ ଠାରୁ ୩୭୯ କିମି ଦୂରରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଆକଳନ କରାଯାଇଛି ।

## ଆନ୍ଧ୍ର-ଓଡ଼ିଶା ସୀମାରେ ହାଇ ଆଲର୍ଟ

ବିଶାଖାପାଟଣା,୫।୧୨(ପି.ଏନ): ଆନ୍ଧ୍ର-ଓଡ଼ିଶା ସୀମାରେ ହାଇ ଆଲର୍ଟ। ଓଡ଼ିଶା ଦେଇ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ସମସ୍ତ ସଡ଼କପଥରେ ଏଭଳି ସତର୍କତା ଜାରି କରାଯାଇଛି। ବିନା ପରିଚୟପତ୍ରରେ ସୀମା ପାର ମନା କରାଯାଇଛି। ମାଓବାଦୀମାନେ ସହିଦ ସପ୍ତାହ ପାଳନ କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ଏଭଳି କଡା ଅଭିମୁଖ୍ୟ ଗ୍ରହଣ କରାଯାଇଛି ।ସୂଚନା ମୁତାବକ, ଚଳିତ ମାସର ୮ ତାରିଖ ପର୍ଯ୍ୟନ୍ତ ମାଓବାଦୀ ମାନେ ସହିଦ ସପ୍ତାହ ପାଳନ କରୁଛନ୍ତି। ତେଣୁ ହିଂସାକାଣ୍ଡ ଘଟିବା ଆଶଙ୍କା କରି ପୁଲିସ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଆନ୍ଧ୍ର-ଓଡ଼ିଶା ସୀମା ଦେଇ ଯାଉଥିବା ପ୍ରତ୍ୟେକ ଯାନବାହାନ ଯାଞ୍ଚ କରାଯାଉଛି। ସ୍ଥାନୀୟ ବାସିନ୍ଦା



ହୁଅନ୍ତୁ ଅବା ଯାତ୍ରୀ ଯାତାୟତ ବେଳେ ପ୍ରତ୍ୟେକଙ୍କ ପରିଚୟ ଯାଞ୍ଚ କରାଯାଉଛି ।ଆନ୍ଧ୍ରପ୍ରଦେଶର ସୀମାରେ ଥିବା ଆଲୁରି ସୀତାରାମରାଜୁ ଜିଲ୍ଲାର ଏସପିଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୁଲିସ ଓ ସିଆରପିଏଫ୍ ବାହିନୀ ଯାଞ୍ଚରେ ମୁତୟନ ହୋଇଛନ୍ତି। ମାଓ ଅପରେସନ ଚାଲିଥିବା ବେଳେ ଅଗମ୍ୟ ଅଞ୍ଚଳରେ ଡ୍ରୋନ କ୍ୟାମେରା ଜରିଆରେ ନକ୍ସଲଙ୍କ ଗତିବିଧି ଉପରେ ନଜର ରଖାଯାଇଛି।
ଏହି ସମୟରେ ସମସ୍ତ ଅଘଟଣକୁ ରୋକିବା ପାଇଁ ଆନ୍ଧ୍ରପ୍ରଦେଶ ପୁଲିସ ସଂପୂର୍ଣ୍ଣ ସତର୍କ ରହିଥିବା ସୂଚନା ମିଳିଛି।

## ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀଙ୍କ ବୈଠକ

ଭୁବନେଶ୍ୱର,୫।୧୨(ପି.ଏନ) : ଗୀତଗୋବିନ୍ଦ ସଦନଠାରେ ସୋମବାର ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କ ପାଇଁ ବହୁମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମନୋନୀତ ପ୍ରାୟ ୫ ହଜାର ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଯୁବ ନେତୃତ୍ୱ ପ୍ରଶିକ୍ଷଣ, ଜନଜାତି ସ୍ୱେଚ୍ଛାସେବୀ ଦକ୍ଷତା ବିକାଶ, ନିଶାମୁକ୍ତ ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍ ସଚେତନତା, ସଡ଼କ ନିରାପତା ସଚେତନତା, ରକ୍ତଦାନ ଆଦି କାର୍ଯ୍ୟକ୍ରମଗୁଡ଼ିକର ସଫଳତାର ସହ ଆୟୋଜନ କରାଯିବା ନିମନ୍ତେ ଆଲୋଚନା କରାଯାଇଥିଲା। ଗ୍ରାମାଂଚଳ ସ୍ୱେଚ୍ଛାସେବୀମାନେ ଚାରୋଟି ଦଳରେ ଭାରତ ଦର୍ଶନ କାର୍ଯ୍ୟରେ ସାମିଲ ହେବେ। ଏଥି ସହିତ ରାଜ୍ୟ ସଂହତି ଶିବିର ଓ ପ୍ରତିଭା ଅନ୍ୱେଷଣ ଶିବିର ଆୟୋଜନ କରାଯାଇ ଜାତୀୟ ସେବା ଯୋଜନାକୁ ସୁଦୃଢ଼ କରାଯିବ ବୋଲି ରାଜ୍ୟ ସମୀକ୍ଷା ବୈଠକରେ ସଭାପତିତ୍ୱ କରି ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ପ୍ରଶାନ୍ତ କୁମାର ରଥ ମତବ୍ୟକ୍ତ କରିଛନ୍ତି । ଆୟୋଜିତ ସଭାରେ ଏନ୍ଏସ୍ଏସ୍ ଆଂଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ଜାତୀୟ ସେବା ଯୋଜନାକୁ ସର୍ବଭାରତୀୟ ସ୍ତରରେ ଏକ ନମ୍ବର କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟକ୍ରମ ସଂଯୋଜକ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀମାନଙ୍କ ବୈଠକରେ କେନ୍ଦ୍ରର ଅନୁଦାନ ଗ୍ରହଣ ପାଇଁ ନୂତନ ବ୍ୟାଙ୍କ ଆକାଉଂଟ ଖୋଲିବା ପ୍ରଣାଳୀ ଉପରେ ବିଶଦ ଆଲୋଚନା କରାଯାଇଥିଲା । ଭାରତ ସରକାରଙ୍କ ଏନ୍ଏସ୍ଏସ୍ ସହକାର୍ଯ୍ୟକ୍ରମ ଉପଦେଷ୍ଟା ଡ. କମଳ କୁମାର କର ଆଭାସୀ ମାଧ୍ୟମରେ ଯୋଗଦେଇ ଆର୍ଥିକ ସୁପରିଚାଳନାର ବିଭିନ୍ନ ଦିଗ ଉପରେ ବିଶେଷ ଆଲୋଚନା କରିଥିଲେ। ଏଥି ସହିତ ବିଶ୍ୱବିଦ୍ୟାଳୟ ସ୍ତରରେ ପଡ଼ିରହିଥିବା ଏନ୍ଏସ୍ଏସ୍ ପାଣ୍ଠିର ସୁପରିଚାଳନା ପାଇଁ ସମ୍ଭାବ୍ୟ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ଉଚ୍ଚଶିକ୍ଷା ବିଭାଗର ରାଜ୍ୟ ଏନ୍ଏସ୍ଏସ୍ ଅଧିକାରୀ ତଥା ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ ।

## କୋର୍ଟ ଭିତରେ କାନ୍ଦିଲେ ହନିଟ୍ରାପ୍ କୁଇନ୍ ଅର୍ଚ୍ଚନା

ଭୁବନେଶ୍ୱର,୫।୧୨(ପି.ଏନ): ହନିଟ୍ରାପ୍ କୁଇନ୍ ଅର୍ଚ୍ଚନା ନାଗଙ୍କ ମୁହଁରେ ଲୁଚିରହିଛି କି ନାଗଫାଶର ସତ କାହାଣୀ ବଡ଼ବଡ଼ଇାଙ୍କ ମୁଖା ଖୋଲିବାକୁ ମଉକା ଖୋଜୁଛି କି ଅର୍ଚ୍ଚନା କାରଣ ଯେତେଥର ତାଙ୍କୁ କୋର୍ଟରେ ହାଜର କରାଯାଉଛି, ମାମଲା ପଛର ସତ ବଖାଣିବାକୁ ଚେଷ୍ଟା କରୁଛି ଅର୍ଚ୍ଚନା। ହେଲେ ମିଡିଆ ଆଗରେ କୁହାଇ ଦେଉନି କମିଶନରେଟ୍ ପୁଲିସ୍। ଦିନେ ମିଡିଆକୁ ନାଲି ଆଖି ଦେଖାଇଥିବା ଅର୍ଚ୍ଚନା ଆଜି କୋର୍ଟ ଭିତରେ କାନ୍ଦିଲେ। ଆଜି ମଧ୍ୟାହ୍ନରେ ଅର୍ଚ୍ଚନାଙ୍କୁ ଖୋର୍ଦ୍ଧା ଜିଲ୍ଲା ସିରାଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଇଡିର ପ୍ରଡ଼କ୍ସନ ପିଟିସନ୍ ଫାଇଲ୍ ଆଧାରରେ କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। ପ୍ରଡ଼କ୍ସନ ବେଳେ କୋର୍ଟ ଭିତରେ କାନ୍ଦିଥିଲେ ଅର୍ଚ୍ଚନା। ମୋତେ କିଛି କହିବା ପାଇଁ ସୁଯୋଗ ଦିଆଯାଉ ବୋଲି ବିଚାରପତିଙ୍କୁ ନିବେଦନ କରିଥିଲେ। କିନ୍ତୁ ବିଚାରପତି କହିଥିଲେ, ଯାହା କହିବା କଥା ଓକିଲଙ୍କ ମାଧ୍ୟମରେ କହିବେ। ଏହାପରେ କୋର୍ଟରୁ ବାହାରିଲେ ଅର୍ଚ୍ଚନା।ଝାରପଡା ଜେଲକୁ ଯିବା ବେଳେ ଗଣମାଧ୍ୟମକୁ ଅର୍ଚ୍ଚନା କହିଥିଲେ, ମୋ' ପାଟି, ଆଖି, ମୁହଁ ବନ୍ଦ କରି କୋର୍ଟ ଚାଲାଣ କରାଗଲା। ମୋତେ ଆରବିଟାରିଲି ଆରେଷ୍ଟ କରାଯାଇଥିଲା। ମୋ'



ପରିବାରକୁ ନଜରବନ୍ଦୀ ରଖାଯାଇଥିଲା। ଫଳରେ କ'ଣ ସବୁ ଘଟୁଛି, ୬ଦିନ ଯାଏଁ କିଛି ଜାଣିପାରିଲିନି। ହନିଟ୍ରାପର ସୂତ୍ରଧର ଶ୍ରଦ୍ଧାଞ୍ଜଳି ବେହେରା ସମେତ ଅନ୍ୟ ବଡ଼ବଡ଼ଇାଙ୍କୁ ସୋ' କଲ୍‌ଡ ପୀଡ଼ିତ ବୋଲି କହିବା ସହ ସେମାନେ କାହିଁକି ଲୁଚିଛନ୍ତି ବୋଲି ପ୍ରଶ୍ନ କରିଥିଲେ ଅର୍ଚ୍ଚନା। କାହିଁକି ଆପଣମାନଙ୍କୁ ସାମ୍ନା କରୁନାହାଁନ୍ତି ବୋଲି ଅର୍ଚ୍ଚନା ଗଣମାଧ୍ୟମ ଉଦ୍ଦେଶ୍ୟରେ ପ୍ରଶ୍ନ ପଚାରିଥିଲେ। ସବୁ ଘଟଣାର ସିବିଆଇ ତଦନ୍ତ ହେଉ ବୋଲି ସେ କହିଥିଲେ।ତେବେ ମିଡିଆ ସାମ୍ନାରେ ଅର୍ଚ୍ଚନା ଗରଗର ହେବା ପଛର କାରଣ କଣ ? ପୂର୍ବରୁ ମିଡିଆକୁ ପାଠ ପଢ଼ାଇଥିବା ଅର୍ଚ୍ଚନା ଆଜି ପୁଲିସ ବିରୋଧରେ ବର୍ଷିଲେ କାହିଁକି ? ପୁଲିସର ତରବରିଆ ଗିରଫଦାରୀ ପଛରେ ରହିଛି କି କିଛି ରହସ୍ୟ ଘଟଣା ପଛର ସତ ଓ ବଡ଼ବଡ଼ଇାଙ୍କ ଲିଙ୍କ କହିବାକୁ ଚାହୁଁଛି କି ଅର୍ଚ୍ଚନା ହନିଟ୍ରାପ୍‌ରେ ସିଣ୍ଡିକେଟ୍‌ର ଅର୍ଚ୍ଚନା ବନିଯାଇନି ତ ମୋହରା ଯଦି ହଁ, ତେବେ ରାଜ୍ୟର ସବୁଠୁ ବଡ଼ ସେକ୍ସ ସ୍କାଣ୍ଡାଲ୍ ପଛର ଷଡ଼ଯନ୍ତ୍ରକାରୀ ସବୁ କିଏ ଏବେ ସାଧାରଣରେ ଏଭଳି ପ୍ରଶ୍ନ ଉଙ୍କି ମାରୁଛି ।ବ୍ଲାକମେଲିଂ, ହନିଟ୍ରାପ୍, ଅର୍ଥ କାରବାର ମାମଲାରେ ଇତିମଧ୍ୟରେ ଶ୍ରଦ୍ଧାଞ୍ଜଳି ସହ ବିଜନେସ୍ ପାର୍ଟନର୍ ଖଗେଶ୍ୱର ପାତ୍ର, ଡ୍ରାଇଭର ଚନ୍ଦନ, ବ୍ୟବସାୟୀ, ପ୍ରଯୋଜକଙ୍କୁ ଜେରା କରିସାରିଥିଲା ଇଡ଼ି। ସେମାନଙ୍କ ତଥ୍ୟ ଆଧାରରେ ରିମାଣ୍ଡରେ ଆଣି ଅର୍ଚ୍ଚନାଠୁ ସତ ଉଗାଳିବ ଇଡ଼ି। ସେଥିପାଇଁ ଆଜି କୋର୍ଟରେ ଇଡ଼ି ୧୫ ଦିନିଆ ରିମାଣ୍ଡ ଆବେଦନ କରିଥିଲା। ଏହାର ଶୁଣାଣି କରି କୋର୍ଟ ୭ ଦିନିଆ ରିମାଣ୍ଡ ଅନୁମତି ଦେଇଛନ୍ତି। ଏହି ଅନୁମତି ଆଧାରରେ ମଙ୍ଗଳବାରଠାରୁ ୧୨ ତାରିଖ ଯାଏଁ ଅର୍ଚ୍ଚନାକୁ ଇଡ଼ି ରିମାଣ୍ଡରେ ନେବ। ସେପଟେ ଇଡ଼ି ଫାଇଲରେ ଅଭିଯୁକ୍ତ ଥିବା ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଆସନ୍ତା ୭ ତାରିଖରେ କୋର୍ଟରେ ହାଜର ହେବ।

### ଢ଼ଙ୍ଗା ସହ ୫ ମୃତ ବିଦେଶାଗତ ପକ୍ଷୀ ଜବତ, ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା,୫।୧୨(ପି.ଏନ): ଚିଲିକାରୁ ଡଙ୍ଗା ସାହାଯ୍ୟରେ ପକ୍ଷୀ ଶିକାର କରୁଥିବା ନେଇ ଟାଙ୍ଗି ବନ୍ୟପ୍ରାଣୀ ବିଭାଗ ଜଣେ ଶିକାରୀକୁ ଗିରଫ କରିବା ସହ ତାଠାରୁ ମୃତ ୫ଟି ବିଦେଶାଗତ ପକ୍ଷୀ ଓ ଡଙ୍ଗା ଜବତ କରିଛି ।ସୂଚନା ଅନୁଯାୟୀ, ସୋମବାର ବନ୍ୟପ୍ରାଣୀ ବିଭାଗ କାଲୁପଡା ଘାଟ ନିକଟସ୍ଥ ବୋରକୁଦି ଚ୍ୟାନେଲରେ ପକ୍ଷୀ ଶିକାର ହେଉଥିବା ନେଇ ଖବର ପାଇ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଚଢଉ କରିଥିଲା। ଚଢ଼ଉ ସମୟରେ ୫ ଟି ମୃତ ବିଦେଶାଗତ ପକ୍ଷୀ ଏବଂ ଏକ ଡ଼ଙ୍ଗା ଜବତ କରିବା ସହ ପକ୍ଷୀ ଶୀକାରୀଙ୍କୁ ଗିରଫ କରିଛି। ଗିରଫ ପକ୍ଷୀ ଶୀକାରୀ ଜଣକ ହେଲେ ଟାଙ୍ଗୀ ଥାନା ଜଟିଆ ପାଟଣା ଗାଁର ଚୈତନ୍ୟ ପ୍ରଧାନ (୪୬ )। ଏନେଇ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜର ଚୁଡ଼ାରାଣୀ ମୁର୍ମୁ ସୂଚନା ଦେଇଛନ୍ତି ।ପ୍ରକାଶ ଥାଉକି, ଚିଲିକାରେ ଏବେ ପକ୍ଷୀ ଶୀକାରୀ ମାତିଛନ୍ତି। ଦିନକୁ ଦିନ ଚିଲିକାରେ ପକ୍ଷୀ ଶିକାର ବଢୁଥିବା ବେଳେ ବନ୍ୟପ୍ରାଣୀ ବିଭାଗ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ପାଲଟିଛି। ଶିକାରୀମାନେ ଫୁରାଡନ ବିଷ ଦେଇ ପକ୍ଷୀ ଶୀକାର କରୁଥିବା ଅଭିଯୋଗ ହେଉଛି।

## ବାସଚ୍ୟୁତଙ୍କ ଆନ୍ଦୋଳନ ୫୨ ବର୍ଷରେ ପହଁଚିଲା, ହେଲେ ଆରଏସପିରେ ଚାକିରୀ ଏଯାଏ ମିଳିଲା ନାହିଁ

ରାଉରକେଲା, ୫।୧୨(ପି.ଏନ) : ରାଉରକେଲା ଇସ୍ପାତ କାରଖାନା ଲାଗି ସୁନ୍ଦରଗଡ ଜିଲ୍ଲା ସମେତ ରାଉରକେଲାରେ ବାସଚ୍ୟୁତ ହୋଇଥିବା ଲୋକ ମାନଙ୍କୁ ସେମାନଙ୍କର ଅଧିକାର ଆଜିଯାଏ ମିଳିଲା ନାହିଁ।୧୯୭୦ ମସିହାରୁ ଏମାନଙ୍କର ଆନ୍ଦୋଳନ ଆଜିଯାଏ ଚାଲିଛି, ଅନେକ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏହି ଜିଲ୍ଲାକୁ ଆସି ଫେରିବା ସହ ଅନେକ ଅବସର ମଧ୍ୟ ନେଲେଣି, ଅନେକ ସରକାର ଗଲେଣି କିନ୍ତୁ ଏହି ଅଧିବାସୀ ମାନଙ୍କର ଦାବି ଆଜିଯାଏ ପୁରଣ ହେଲାନାହିଁ। ତେଣୁ ଏମାନେ ମିଳିତ ଭାବେ ଶାନ୍ତିପୁର୍ଣ ଆନ୍ଦୋଳନ କରିଚାଲିଛନ୍ତି । ଆଜି ଏହି ଅଧିବାସୀ ମାନେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସ ଆଗରେ ନୀରବତାର ସହ ବସି ରହିବା ନିଜର ଦାବୀ ସଂପର୍କରେ ପ୍ରଶାସନକୁ ଜଣାଉଥିବା ଦେଖାଯାଇଛି । ଆନ୍ଦୋଳନର ନେତୃତ୍ୱ ନେଉଥିବା ନେତା ମାନେ କହିଛନ୍ତି ଯେ, ଦିର୍ଘ ଦିନ ଆନ୍ଦୋଳନ ପରେ ୧୧୦୦ ବାସଚ୍ୟୁତ ପରିବାରଙ୍କୁ ପ୍ରଶାସନ ଚିହ୍ନଟ କରି ଏକ ତାଲିକା ପ୍ରସ୍ତୁତ କରିଛି, କିନ୍ତୁ ଆଜିଯାଏ ସେହି ତାଲିକା ସେଲ ଅଥରିଟୀ କିମ୍ବା ରାଉରକେଲା ଇସ୍ପାତ କାରଖାନାକୁ ପଠାଯାଉନାହିଁ । ଫଳରେ ଏହି ବାସଚ୍ୟୁତ ମାନଙ୍କୁ ସେମାନଙ୍କର ଚାକିରୀ ମିଳିପାରୁନାହିଁ। ଠିକ ସେହିଭଳି ଆହୁରି ୧୦୦୦ ବାସଚ୍ୟୁତ ପରିବାର ତରଫରୁ ସେମାନଙ୍କର ତାଲିକା ମଧ୍ୟ ପ୍ରଶାସନକୁ ପ୍ରଦାନ କରାଯାଇଛି ସେମାନଙ୍କ ଲାଗି ଆବଶ୍ୟକୀୟ ପଦକ୍ଷେପ ମଧ୍ୟ ନିଆଯାଉନାହିଁ। ବାକି ରହିଲା ବର୍ତ୍ତମାନ ଧିରେ ଧିରେ ଆହୁରି ଅନେକ ବାସଚ୍ୟୁତ ପରିବାର ବାହାରିଲେଣି ଯେଉଁ ମାନେ ଏହି ଚାକିରୀ ପାଇବା ଲାଗି ଯୋଗ୍ୟ ବୋଲି ସେମାନେ ଦାବି କରୁଛନ୍ତି, ସେମାନଙ୍କୁ ପଞ୍ଜିକୃତ ମଧ୍ୟ କରାଯାଉନାହିଁ । ଏହି ତିନୋଟି କାରଣ ଲାଗି ଆଜି ବାସଚ୍ୟୁତ ମାନେ ଧାରଣାରେ ବସିବା ସହ ଏନେଇ କେବେ କେତେ ଦିନ ଭିତରେ ପ୍ରଶାସନ ସେମାନଙ୍କୁ ନ୍ୟାୟଦେବ ତାହା ଲିଖିତ ଆକାରରରେ ଦେବାକୁ ଦାବି କରିଥିଲେ । ତେବେ ପ୍ରଶାସନ ପକ୍ଷରୁ ଏ ନେଇ ଆଲୋଚନା କରିବା ସଂପର୍କରେ କୌଣସି ସଠିକ ତଥ୍ୟ ମିଳିନଥିବା ବେଳେ, ରାଉରକେଲାରେ ଜଣେ ଅଧିକାରୀଙ୍କୁ ଅନେକ ଦାୟିତ୍ୱରେ ରଖା ଯାଉଥିବାରୁ ଏଭଳି ଅନେକ ସମସ୍ୟା ପଡିରହି ନାନା ପରିସ୍ତିତି ସୃଷ୍ଟି ହେଉଛି । ଜଣେ ଲୋକ ଆରଏମସି କମିଶନର, ଏଡିଏମ ସହ ସ୍ମାର୍ଟସିଟି କାମ ଦେଖିବେ ଓ ବୁଝିବେ, ତା ପରେ ୨୦୨୩ ବିଶ୍ୱ ହକି ଲାଗି ମଧ୍ୟ ତାଙ୍କ ଉପରେ ଅନେକ ଦାୟିତ୍ୱ ରହୁଛି । ଯଦି ଏହିଭଳି ପ୍ରଶାସନିକ ବ୍ୟବସ୍ଥା ରହିବ ତେବେ ଲୋକ କେମିତି ନ୍ୟାୟ ପାଇବେ ଓ ସମସ୍ତ କାମ କିଭଳି ସୁରଖୁରୁରେ ହେବ ସେନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହିଭଳି ଜଣେ ଅଫିସରଙ୍କ ମୁଣ୍ଡରେ ୩ରୁ ୪ ଅଫିସ ଦାୟିତ୍ୱ ଦିଆଜିବା କଥା ଦିର୍ଘ ବର୍ଷ ଧରି ରାଉରକେଲାରେ ଚାଲିଥିବା ବେଳେ ପଲିଟିକାଲ କ୍ଷେତ୍ରରେ ଏନେଇ ବେଶ ନୀରବତା ଦେଖିବାକୁ ମିଳିଛି । ତେବେ ଏହି ଦାବିକୁ ୫୨ ବର୍ଷ ହେଲାଣି, ଅନେକ ସରକାର, ଅଫିସର ଆସି ଅନେକ କଥା କହି ଏଠାରୁ ଗଲେଣି କିନ୍ତୁ ଏହି ଅଧିବାସୀ ମାନଙ୍କର ଦାବିକୁ କେହି ସଠିକ ଭାବେ ଦେଖିବା ଆଜିଯାଏ ଦେଖା ଗଲାନି । ଅବଶ୍ୟ ନବୀନ ବାବୁଙ୍କ ସରକାର ସମୟରେ ୧୧୦୦ ଜଣଙ୍କ ତାଲିକା ହୋଇପାରିଛି କିନ୍ତୁ ସେହିତାଲିକା ସଠିକେ ଯାଗାକୁ ପଠାଇବା ଲାଗି କଣ ସମସ୍ୟା ରହୁଛି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଶରଣାଗତି ଯୋଗ



ପିଲାବେଳେ ଆମେମାନେ ଏକ ଗପ ଶୁଣିଥିଲୁ। ସେଥିରେ ଯେତିକି ମଜା କଥା ଅଛି ସେତିକି ନୈତିକତା ମଧ୍ୟ ଲୁଚି ରହିଛି। ଜଣେ ମହିଳା କୃଷ୍ଣଙ୍କର ଅତି ଭକ୍ତ। ସେ ସିଦ୍ଧାନ୍ତ କରି ନେଇଥାନ୍ତି ଯେ ସେ ଯାହା କରିବେ ସବୁ କୃଷ୍ଣଙ୍କୁ ଅର୍ପଣ କରି କରିବେ। ତାଙ୍କ ଭାବ ଏତେ ଦୃଢ଼ ଓ ନିର୍ମଳ ଯେ ସେ ଗୋବରରେ ଘସି ପାରୁ ପାରୁ ଯଦି କେହି ଦେବେ ‘କୃଷ୍ଣାର୍ପଣମସ୍ତୁ’ ମନ୍ଦିର ପୂଜକ ଠାକୁରଙ୍କୁ ଧୋଇ ଧୋଇ ହରାଇଣ ହୋଇଯାଆନ୍ତି। କିନ୍ତୁ କ’ଣ କରାଯିବ? ପରିଶେଷରେ ସେ ଏ ସ୍ତ୍ରୀଲୋକ କଥା ଜାଣିବାକୁ ପାଇଲେ ଏବଂ ନିଶ୍ଚିତ ହୋଇଗଲେ ଯେ ଏ ସ୍ତ୍ରୀଲୋକଟି ବଞ୍ଚିଥିବା ପର୍ଯ୍ୟନ୍ତ ଠାକୁରଙ୍କ ଦେହରେ ଗୋବର ପଡ଼ିବାରୁ ଆଉ ରକ୍ଷା ନାହିଁ।

ଦିନେ ସ୍ତ୍ରୀ ଲୋକଟି ଶକ୍ତ ବେମାର ପଡ଼ିଲେ ଓ ମୃତ୍ୟୁ ସମୟ ପାଖେଇ ଆସିଲା। ମହିଳା ଜଣକ ନିଜ ମୃତ୍ୟୁକୁ ମଧ୍ୟ କୃଷ୍ଣଙ୍କୁ ଅର୍ପଣ କରିଦେଲେ। ମୃତ୍ୟୁ ଦୂତ ସିଧା କୃଷ୍ଣଙ୍କ ମନ୍ଦିରକୁ ଯାଇ ମନ୍ଦିରକୁ ଭାଙ୍ଗି ଦେଲା। କୃଷ୍ଣ ନାମ ଧ୍ୟାନ ଆଗରେ ସ୍ୱର୍ଗର ମଧ୍ୟ କିଛି ବିଶେଷ ମୂଲ୍ୟ ନାହିଁ। ତୁମର ପ୍ରତ୍ୟେକ କର୍ମ ଭଲ ହେଉ ବା ମନ୍ଦ, ଈଶ୍ୱରଙ୍କୁ ସମର୍ପିତ ହୋଇ ହେଉ। ଏପରି ହେଲେ ଚମତ୍କାର ଫଳାଫଳ ମିଳିବ। ମାଟିଆ ବା ନାଲିଆ ରଙ୍ଗର ଧାନକୁ ଭାଜି ଦେଲେ ସୁନ୍ଦର ସଫେଦ ଖଇ ମିଳୁଛି। ଏ ପରିବର୍ତ୍ତନ କେବଳ ଅଗ୍ନି ଯୋଗୁଁ ସମ୍ଭବ। ଗମହକୁ ଚୁରିଲେ ଆମେ ଶୁଭ୍ର କୋମଳ ଅଟା ପାଉ। ସେହିଭଳି ଛୋଟ ବଡ଼, ସମସ୍ତ କର୍ମ ଯଦି ଭକ୍ତିପୂର୍ଣ୍ଣ ଓ ଉତ୍ସର୍ଗୀକୃତ ଭାବେ କରାଯାଏ ତାହାହେଲେ ସେଗୁଡ଼ିକ ମଧ୍ୟ ଉଚ୍ଚମାନ ପ୍ରାପ୍ତ ହେବେ। ଭକ୍ତିଭାବ ଯୁକ୍ତ କର୍ମ ମୂଲ୍ୟବାନ ଓ ମହାନ ହୋଇଯାଏ। ସେ ଦୃଷ୍ଟିରୁ ଫୁଲଟିଏ, ବେଲପତ୍ର ବା ତୁଳସୀ ପତ୍ରଟିକୁ ସାଧାରଣ ଜିନିଷ ବୋଲି ଭାବ ନାହିଁ।

ଯାହା କରାଯାଉ, ଯଦି ତାହା ଭାବ ବିଜଡ଼ିତ, ତେବେ ସେ ସବୁ ମହାନ। ଆମେ କେତେ ବେଶୀ ଦେଲୁ ତାହା ବଡ଼ କଥା ନୁହେଁ। କି ପ୍ରକାର ଭାବର ସହ ଦେଲ, ସେ ହେଉଛି ବଡ଼। ଜିନିଷର ଗୁଣ, ମାନ, ପରିମାଣ, ଆକର ବା ମୂଲ୍ୟ ଆଦୌ ବଡ଼ କଥା ନୁହେଁ, ତାହା ଯେଉଁ ଭାବ ଓ ଭକ୍ତିର ସହ ଅର୍ପିତ ହେଲା, ତାହା ବିଚାର୍ଯ୍ୟ। ସେଥିରେ ନିହିତ ଥିବା ଆବେଗ ହିଁ ଗ୍ରହଣୀୟ। ଜୀବନରେ ଆମେ କେତେ ପରିମାଣର କର୍ମ ବା ବ୍ରତ ଆଚରଣ କଲେ ତାହା ଗଣାଯାଏ ନାହିଁ। ପ୍ରଭୁ ଚିନ୍ତାରେ ନିମଜ୍ଜିତ ହୋଇ, ପ୍ରଭୁ ଚରଣରେ ସମର୍ପିତ ଭାବ ବିଜଡ଼ିତ କୌଣସି ଗୋଟିଏ କାମ ମଧ୍ୟ ଆମକୁ ସର୍ବାଧିକ ଓ ସମ୍ପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ। ସଂକ୍ଷେପରେ କହିବାକୁ ଗଲେ ଆମେ ଯଦି ଆମର ସରଳ ଓ କ୍ଷୁଦ୍ର କର୍ମମାନ ଭଗବତ ପଦାର୍ପିତ ହୋଇ କରିବା ତାହାହେଲେ ମୋକ୍ଷ ପ୍ରାପ୍ତ ହେବା।

ରାଜଯୋଗରେ କଥିତ ଅଛି - କର୍ମରୁ ବିମୁଖ ହୁଅନାହିଁ। ସେଗୁଡ଼ିକୁ ପ୍ରଭୁଙ୍କୁ ଅର୍ପଣ କରିଦିଅ। ସେଗୁଡ଼ିକ ହିଁ ପୁଷ୍ପାଞ୍ଜଳି। ସାଧନା ସହ ସେଗୁଡ଼ିକୁ ନେଇ ଯାଇ ପ୍ରଭୁ ପାଦପଦ୍ମରେ ଅଜାଡ଼ି ଦିଅ। ଏକ ପକ୍ଷରେ କର୍ମ ଅନ୍ୟ ପକ୍ଷରେ ଭକ୍ତି, ଉଭୟକୁ ସଂଯୋଗ କରି ଅଗ୍ରସର ହୁଅ, ଗୋଟିଏ ସୁନ୍ଦର ଜୀବନ ଗଠନ କର। ଧାନ ବୁଣିବା ଆଉ ଧାନ ଫୋପାଡ଼ିବା ଭିତରେ ଗୋଟିଏ ବଡ଼ ବ୍ୟବଧାନ ରହିଛି। ଯାହା ବୁଣିଛ ସେଥିରୁ ଯଥେଷ୍ଟ ପାଇବ ଯାହା ଫୋପାଡ଼ି ଦେଇଛ ସେ ନଷ୍ଟ ହୋଇଗଲା। ଭଗବାନଙ୍କୁ ଯାହା ସମର୍ପି ଦେଲ ତାହା ବୁଣିବା ସଙ୍ଗେ ସମାନ। ତାହାଦ୍ୱାରା ଅମାପ ଆନନ୍ଦ ଲାଭ କରିବ, ଜୀବନକୁ ପୁତ ପବିତ୍ର ଓ ସଫଳ କରିପାରିବ।

**ଯୁଧିଷ୍ଠିର ମହାରଣା**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

# ୭ କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମାଣ ହେବ ହୋଲସେଲ ମାର୍କେଟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସହର ଉପକଣ୍ଠ ଜମଧର ଗ୍ରାମପଞ୍ଚାୟତରେ ଥିବା ନିୟନ୍ତ୍ରିତ ବଜାର କମିଟି(ଆର.ଏମ.ସି.) ପରିସରରେ ନିର୍ମାଣ ହେବ ହୋଲସେଲ ବଜାର। ଏଥିପାଇଁ ୭ କୋଟି ଟଙ୍କାର ବ୍ୟୟ ଅଟ୍ଟକଳ କରାଯାଇଛି। ଏହି ଅର୍ଥ ନିୟନ୍ତ୍ରିତ ବଜାର କମିଟି ତା’ର ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରିବ। ପରେ କେନ୍ଦ୍ର ସରକାର ଏହି ଅର୍ଥ ବହନ କରିବେ। ଏଥିପାଇଁ ୩୨ଟି ଗୋଦାମ ଗୃହ ନିର୍ମାଣ ହେବ। ଏହି ଗୋଦାମ ଗୃହରେ ଚାଷୀମାନେ ଅମଳ କରୁଥିବା ପନି ପରିବା ଓ ସାମଗ୍ରୀ ମହଜୁଦ ହୋଇ ରହିବ ବୋଲି କହିଛନ୍ତି ନିୟନ୍ତ୍ରିତ ବଜାର କମିଟିର ନିର୍ବାହୀ ଅଧିକାରୀ ଅଜୟ କୁମାର ରାଉତ। ସେ କହିଛନ୍ତି ଚାଷୀମାନଙ୍କ ସୁବିଧା ପାଇଁ ଏହା କରାଯାଉଛି। ସେହିପରି ଏହା ପରିସରରେ ୩ କୋଟି ଟଙ୍କା ବ୍ୟୟରେ ଏକ ଦୈନନ୍ଦିନ ବଜାର ମଧ୍ୟ ନିର୍ମାଣ କରାଯିବ। ସେଥିପାଇଁ ୮୦ଟି ଦୋକାନ ଗୃହ ନିର୍ମାଣ ହେବ। ଏହା ପରିସରରେ ଚାଷୀମାନେ ବିଭିନ୍ନ ପ୍ରକାର ଜିନିଷ ବିକ୍ରି କରିପାରିବେ। ନିୟନ୍ତ୍ରିତ ବଜାର କମିଟି ପରିସର ମଧ୍ୟରେ ଜାତୀୟ କୃଷି ବଜାର ଯୋଜନାରେ ୨ କୋଟି ଟଙ୍କା ବ୍ୟୟରେ ସୁନ୍ଦର ରାସ୍ତା ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଯାହା ଫଳରେ ଗାଡି ମଟର ଚାଷୀଙ୍କ ଜିନିଷ ନେଇ ଯିବା ଆସିବା କରିପାରିବ। ଏଥିସହ ଗ୍ରାହକମାନେ ମଧ୍ୟ ଗାଡିମଟର ନେଇ ଯିବା ଆସିବା କରିବା ସୁବିଧା ହେବ। ୧୯୭୯ ମସିହାରେ ଏହି ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଥିଲା। ଏଥିପାଇଁ ୧୯୮୪ ମସିହାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏହା ସହର ଠାରୁ ଦୂରରେ ହୋଇଥିବାରୁ ଲୋକମାନେ ଏହା ପରିସରକୁ ପନି ପରିବା ସମେତ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ ଆସିବାକୁ ସମସ୍ୟାରେ ପଡୁଛନ୍ତି। ଲୋକମାନଙ୍କୁ ଆକୃଷ୍ଟ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହିପରି ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ରାଉତ କହିଛନ୍ତି।

## ଭାରତୀୟ ଜନତାପାର୍ଟି ଅନୁସୂଚିତ ଜାତି ମୋର୍ଚ୍ଚା ସାଙ୍ଗଠନିକ ବୈଠକ

ଚଣ୍ଡିଖୋଲ (ପିଏନ୍)- ଚଣ୍ଡିଖୋଲ ସ୍ଥିତ ଭାରତୀୟ ଜନତାପାର୍ଟି ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁସୂଚିତ ଜାତି ମୋର୍ଚ୍ଚା ସାଙ୍ଗଠନିକ ବୈଠକ ଜିଲ୍ଲା ସଭାପତି ପ୍ରଭାକର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଙ୍ଗଠନିକ ବୈଠକରେ ବଡ଼ଚଣା ବିଜେପିର ପାଞ୍ଚ ମଣ୍ଡଳ ସଭାପତିଙ୍କ ସହ ସମସ୍ତ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା



କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଜେପି ବିଧାୟକ ପ୍ରାର୍ଥୀ ଦିଲୀପ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ବଡ଼ଚଣା ବିଜେପି ନେତା ତଥା ରାଜ୍ୟ ସମ୍ପାଦକ ଅମର ନାୟକ, ରାଜ୍ୟ ପଛୁଆ ବର୍ଗ ବିଜେପି ସଭାପତି ସମରେନ୍ଦ୍ର ପରିଡା, ସୂଂଗୁଡା ପଂଚାୟତ ସମିତିର ପୂର୍ବତନ ସମିତି ସଭ୍ୟ ତଥା ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିତମ ନାୟକ ପ୍ରମୁଖ ଯୋଗଦେଇ ଆଗମୀ ଦିନରେ ତୃଣମୂଳ ସ୍ତରରେ ସଂଗଠନ କିପରି ମଜବୁତ ହେଇପାରିବ ସେ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲାର ସାତଗୋଟି ବିଧାନସଭା କ୍ଷେତ୍ରର ଆଗଧାଡିର ଛାମୁଆ ନେତା ଓ କର୍ମୀମାନେ ସାମିଲ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିତମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣଧାରଣାକୁ ନେଇ ପ୍ରସ୍ତୁତି ବୈଠକ



ଚଣ୍ଡିଖୋଲ (ପିଏନ୍)-ଚଣ୍ଡିଖୋଲ ନିକଟ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ସୁଭଦ୍ରାପୁର ଓ ଭଡଙ୍ଗା ଛକରେ ଏକ ଗଳି ପୋଲକୁ ନିର୍ମାଣକୁ ନେଇ ଜନଅସନ୍ତୋଷ ଦେଖାଦେଇଛି ଯାହାକୁ ନେଇ ଆଗାମୀଦିନରେ ଗ୍ରାମବାସୀମାନେ ଗଣଧାରଣା ଦେବେ ବୋଲି ଗତକାଲି ଏକ ପ୍ରସ୍ତୁତି ବୈଠକରେ ସୂଚନା ଦେଇଛନ୍ତି। ସୂଚନା ଥାଉକି ଏବେ ଚଣ୍ଡିଖୋଲରୁ ଡୁବୁରୀ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥର ଦୋହରୀକରଣ କାର୍ଯ୍ୟ ଚାଲୁରହିଛି। ଏହି ଜାତୀୟ ରାଜପଥର ଦେଇ ନିକଟବର୍ତ୍ତୀ ବଡ଼ଚଣା ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମ ଖୋସାଲିପୁର,ସୂଂଗୁଡା, ଧାନମଣ୍ଡଳ, ସୁଭଦ୍ରାପୁର, ଚାରିବାଟିଆ ଓ ଭଡଙ୍ଗା ଗ୍ରାମର ଲୋକମାନେ ପ୍ରତିଦିନ ଜାତୀୟ ରାଜପଥକୁ ଆସି ଚଣ୍ଡିଖୋଲ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇଥାନ୍ତି.ଜାତୀୟରାଜପଥ ପାରହେଇ ଏହିଗ୍ରାମର ଶତାଧିକ ଛାତ୍ରଛାତ୍ରୀମାନେ ଅତି ବିପଦପୂର୍ଣ୍ଣ ଭାବେ ନିକଟରେ ଥିବା ଚଣ୍ଡିଖୋଲ କଲେଜ,ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟ, ବିଭିନ୍ନ ସରସ୍ୱତୀ ଶିଶୁମନ୍ଦିରକୁ ଯାଇଥାନ୍ତି। ଜାତୀୟ ରାଜପଥ ଦେଇ ପ୍ରତିଦିନ ଶତାଧିକ ଭାରୀଯାନ ପଡୋଶୀ କେନ୍ଦୁଝର ଓ ସୁକିନ୍ଦା ଖଣି ଅଂଚଳରୁ ଖଣିଜ ପଦାର୍ଥ ନେଇ ପାରାଦୀପ ବନ୍ଦରକୁ ଯାଇଥାନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳରୁ ମଧ୍ୟ ପ୍ରତିଦିନ ଶତାଧିକ ଭାରୀଯାନ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାନ୍ତି। ଏତେସବୁ ଗାଡି ଚଳପ୍ରଚଳ ଯୋଗୁ ଜାତୀୟ ରାଜପଥରେ ସବୁବେଳେ ଭିଡ ଲାଗିରହିଥାଏ। ଏହିସବୁ ସମସ୍ୟାକୁ ଆଖିଆଗରେ ରଖି ସୁଭଦ୍ରାପୁର ଗ୍ରାମର ଗ୍ରାମବାସୀମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଯାଜପୁର ଜିଲ୍ଲାପାଳ, ବିଧାୟକ ଓ ସାଂସଦଙ୍କୁ ଏକ ଦାବୀ ପତ୍ର ଦେଇଥିଲେ। ମାତ୍ର ଜାତୀୟ ରାଜପଥ ଦୋହରୀକରଣ କାମ ଚାଲୁଥିବା ବେଳେ କେବଳ ବଙ୍ଗଳା ଛକରେ ଏକ ଗଳିପୋଲର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ସୁଭଦ୍ରାପୁର ଓ ଭଡଙ୍ଗା ଛକରେ ଏହି ଗଳିପୋଲର ଆବଶ୍ୟକତାକୁ ଆଖି ଆଗରେ ରଖି ପ୍ରଶାସନ ଖୁବ ଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ କରିବାକୁ ନେଇ ଉଭୟ ଗ୍ରାମର ମୁରବୀମାନେ ଚାରିବାଟିଆ ସ୍ଥିତ ଦୁର୍ଗାମନ୍ଦିର ପରିସରରେ ହରିଦାସପୁର ସରପଂଚ ବିକ୍ରମ ବିଶ୍ୱାଳଂକ ନେତୃତ୍ୱରେ ଏକାଠି ହେଇ ଆଗମୀ ଦିନରେ ଏହାକୁ ନେଇ ଗଣଧାରଣା ଦେବାକୁ ସ୍ଥିର କରିଥିଲେ।

# ମା’ ମନସା ଦେବୀ ଶକ୍ତିପୀଠ



ଶିଓ୍ୱାଲିକ୍ ପର୍ବତମାଳାରୁ ନେଇ କୁରୁକ୍ଷେତ୍ର ପର୍ଯ୍ୟନ୍ତ ୪୮କୋଷର ସିନ୍ଧୁବନରେ ଋଷି-ମୁନୀମାନେ ପୁରାଣ ରଚନା କରିଥିଲେ। ଏହି ସମସ୍ତ ଭୂଭାଗ ଦେବଧରା ନାମରେ ଜଣାଶୁଣା।

ଏହି ପରମ୍ପରାରେ ହରିଆନାର ପଞ୍ଚକୁଲାରେ ଶିଓ୍ୱାଲିକ୍ ପର୍ବତମାଳାର କୋଳରେ ସିନ୍ଧୁବନର ଶେଷ ସୀମାରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆଚ୍ଛାଦିତ ଏକଦମ ମନୋରମ ଏବଂ ଶାନ୍ତ ପରିବେଶରେ ମାତା ମନସା ଦେବୀଙ୍କ ମନ୍ଦିର ଅବସ୍ଥିତ। ଯଦି କୌଣସି ଭକ୍ତ ସଚ୍ଚା ମନରେ ଚାଳିଶ ଦିନ ପର୍ଯ୍ୟନ୍ତ ଲଗାତାର ମାତା ମନସା ଦେବୀଙ୍କର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରନ୍ତି, ତେବେ ମାତା ମନସା ଦେବୀ ତାଙ୍କର ମନୋସ୍କାମନା ଅବଶ୍ୟ ପୂରଣ କରିଥାନ୍ତି। ମାତା ମନସା ଦେବୀଙ୍କର ଚୈତ୍ର ଏବଂ ଆଶ୍ୱିନ ମାସର ନବରାତ୍ର ପର୍ବରେ ବଡ଼ ଧରଣର ମେଳା ବସିଥାଏ। ଏହି ପର୍ବ ମାତାଙ୍କର ପ୍ରମୁଖ ପର୍ବ ଭାବେ ପାଳନ କରାଯାଏ।



ମାତା ମନସା ଦେବୀଙ୍କ ମନ୍ଦିରକୁ ନେଇ କେତେକ ଧାରଣା ଓ ମାନ୍ୟତା ପ୍ରଚଳିତ ରହିଛି। ଶ୍ରୀ ମାତା ମନସା ଦେବୀଙ୍କ ଇତିହାସ ଅନ୍ୟ ସିଦ୍ଧ ଶକ୍ତିପୀଠ ଭଳି ଅତି ପ୍ରାଚୀନ।



ଶ୍ରୀ ମାତା ମନସା ଦେବୀଙ୍କ ଆବିର୍ଭାବ ହେବାର ଉଲ୍ଲେଖ ଶିବ ପୁରାଣରେ ରହିଛି।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ମା’ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣିପାରିଲେ। ଭଗବାନ ଶିବ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଯାହା ଦେଖିଲେ, ସେ ନିଜେ ବି ବିଶ୍ୱାସ କରିପାରିଲେ ନାହିଁ। ରାଗରେ ଜର୍ଜ୍ଜରିତ ହୋଇ ଭଗବାନ ଶିବ ସତୀଙ୍କ ମରଶରୀର ନିଜ ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବଦେବୀମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମାରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ସୁଦର୍ଶନ ଚକ୍ର ଦ୍ୱାରା ମା’ ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା’ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ



ସ୍ଥାନରେ ବିଞ୍ଚି ହୋଇ ପଡ଼ିଲା। ସର୍ବଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ- (୧) ପୁରୀ ଶ୍ରୀମନ୍ଦିରରେ ପୂଜିତା ମା’ବିମଳା (ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା’ ତାରାତାରିଣୀ(ସ୍ତନଖଣ୍ଡ), (୩) ଆସାମର ଗୌହାଟୀସ୍ଥିତ କାମାକ୍ଷା ଦେବୀ (ଜୋନିଖଣ୍ଡ) ଓ (୪) କୋଲକତାର ଦକ୍ଷିଣ କାଳୀ (ମୁଖଖଣ୍ଡ)। ଓଡ଼ିଶାରେ ମଧ୍ୟ ଗୋଟିଏ ମହାଶକ୍ତିପୀଠ ମା’ “ବିରଜା” ରହିଛନ୍ତି।

ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠମାନଙ୍କ ମଧ୍ୟରେ ହିମାଚଳ ପ୍ରଦେଶର କାଙ୍ଗଡ଼ାରେ ମାତା ସତୀଙ୍କ ମସ୍ତକ ଖଣ୍ଡ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଥିଲା। ସେହିପରି ଏଠାରେ ମାତାଙ୍କ ମସ୍ତକ ପଡ଼ିବାରୁ ବ୍ରଜେଶ୍ୱରୀ ଦେବୀ ଶକ୍ତିପୀଠ, ଜ୍ୱାଳାମୁଖୀରେ ଜିହ୍ୱା ଖଣ୍ଡ ପଡ଼ିବାରୁ ଜ୍ୱାଳାଜୀ, ମନର ଭାଗ



ପଡ଼ିବାରୁ ଛିନ୍ନ ମସ୍ତିକା, ନୟନରୁ ନୟନ ଦେବୀ ହୋଇଛନ୍ତି। ସେହିପରି ତ୍ରିପୁରାରେ ଜଙ୍ଘ ଖଣ୍ଡ ପଡ଼ିବାରୁ ମାତା ଜୟନ୍ତୀ ଦେବୀ, କୋଲକତାରେ ଡ଼ାହାଣ ପାଦ ଅଙ୍ଗୁଳି ପଡ଼ିବାରୁ କାଳୀ ମନ୍ଦିର, ସାହାରାନପୁର ନିକଟ ଶିଓ୍ୱାଲିକ୍ ପର୍ବତ ଉପରେ ମସ୍ତକ ଖଣ୍ଡ ପଡ଼ିବାରୁ ଶକୁମ୍ଭରୀ, କୁରୁକ୍ଷେତ୍ରରେ ଗଳାର ଆଭୂଷଣ ପଡ଼ିବାରୁ ଭଦ୍ରକାଳୀ ଶକ୍ତିପୀଠ ତଥା ଶିଓ୍ୱାଲିକ୍ ଗିରିମାଳାରେ ଦେବୀଙ୍କ ମସ୍ତିଷ୍କର ଅଗ୍ରଭାଗ ପଡ଼ିବାରୁ ମନସା ଦେବୀ ଶକ୍ତିପୀଠ ସୃଷ୍ଟି ହେଲା।

ଏହି ଶକ୍ତିପୀଠରେ ମହାଭାରତର ପାଣ୍ଡବ ଭାଇମାନେ ବନବାସ ସମୟରେ ମାତା ମନସା ଦେବୀ ମନ୍ଦିରରେ ଦେବୀଙ୍କୁ ଆରାଧନା କରିଥିଲେ। ପାଣ୍ଡବମାନେ ବନବାସ ସମୟରେ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଏହି ଅଞ୍ଚଳକୁ ଆସିଥିବା ପ୍ରମାଣ ରହିଛି। ତେବେ ପିଞ୍ଜୌର, ସକେତଡ଼ୀ ଓ କାଲକା ଅଞ୍ଚଳରେ ପୁରାତତ୍ତ୍ୱବିତ୍‌ମାନଙ୍କ ଅନୁସନ୍ଧାନରୁ ଏଠାରେ ଯେଉଁ ପ୍ରାଚୀନ ପଦାର୍ଥ ମିଳିଛି, ତାହା ପାଷାଣ ଯୁଗର ବୋଲି କୁହାଯାଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଆଦିମ କାଳରେ ମଧ୍ୟ ଏହି କ୍ଷେତ୍ରରେ ମଣିଷର ଅବସ୍ଥାନ ଥିଲା ଓ ସେ ଦେବୀ ଦେବତାଙ୍କୁ ପୂଜା କରୁଥିଲେ। ଏଣୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କ ମନ୍ଦିର ବିଦ୍ୟମାନ ଥିବା ଜଣାପଡୁଛି।

ବର୍ଷର ବିଭିନ୍ନ ସମୟରେ ମାତା ମନସା ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମାତା ମନସା ଦେବୀଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତା ମନସା ଦେବୀଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ ଓ ମନୋରମ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

## ଖୋରଧା ଜିଲ୍ଲା ସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ



ଖୋର୍ଦ୍ଧା (ପିଏନ୍) - ଖୋର୍ଦ୍ଧା ପାଇକ ଆଖଡ଼ା ସଂଘ ତରଫରୁ ଉଇଲ୍‌କିସନ୍ ନଗର (ନୂଆଗାଁ) ଠାରେ ଏକ ଜିଲ୍ଲା ସ୍ତରୀୟ ପାଇକ ଆଖଡ଼ା ସମାବେଶ ଓ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଖୋର୍ଦ୍ଧାର ପ୍ରାକ୍ତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ରାମନାଥ କୋବିନ୍ଦ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିବା ଜାଗାକୁ ବିନା ମୂଲ୍ୟରେ ରାଜ୍ୟ ସରକାର ଯୋଗାଇଦେବା, ସ୍କୁଲ ପାଠ୍ୟକ୍ରମରେ ପାଇକ ଆଖଡ଼ାକୁ ସ୍ଥାନ ଦେବା, ପାଇକ ଆଖଡ଼ାର ଦକ୍ଷ ଖେଳାଳୀମାନଙ୍କୁ ସୈନ୍ୟବାହିନୀ ଆଦି ଚାକିରୀ କ୍ଷେତ୍ରରେ ଅଗ୍ରାଧିକାର ଦେବା ଓ ପାଇକ ଆଖଡ଼ାକୁ ବଂଚାଇ ରଖିବା ପାଇଁ ପାଇକ ଆଖଡ଼ା ସଂଘଗୁଡ଼ିକୁ ସରକାର ଗୃହ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଦେବା ଉଚିତ୍ । ଏଥିରେ ଖୋରଧା ବିକାଶ ମଂଚର ସଭାପତି ଆଇନ୍‌ଜୀବି ନରେନ୍ଦ୍ର ପୃଷ୍ଟି, ପୂର୍ବତନ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ମଜୁମ୍‌ଦାର, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ସଭାପତି ଶମ୍ଭୁନାଥ ସ୍ୱାଇଁ, ଯୋଗୀନାଥ ବଳିଆରସିଂହ, ବିଜୟ କୁମାର ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପାଇକ ଆଖଡ଼ା ସହ ଓଡ଼ିଶାର ବୀରତ୍ୱ ବ୍ୟଞ୍ଜକ ଇତିହାସ ଜଡ଼ିତ ବୋଲି ମତବ୍ୟକ୍ତ କରିଥିଲେ। ଖୋରଧା ପାଇକ ଆଖଡ଼ା ସଂଘର ସମ୍ପାଦକ କବିରାଜ ପ୍ରଧାନଙ୍କ ଉଦ୍ୟମରେ ଏହି ଉତ୍ସବ ଆୟୋଜିତ ହୋଇଥିବା ବେଳେ ଉତ୍ସବର ପ୍ରାରମ୍ଭରେ ମା’ ଅଁଳେଇଙ୍କ ଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ପାଇକ ଆଖଡ଼ା ଦଳମାନେ ଏକ ମଶାଲ ଶୋଭାଯାତ୍ରା ସହ ପାଇକ ଆଖଡ଼ା ପ୍ରଦର୍ଶନ କରି ଗ୍ରାମ ପରିକ୍ରମା କରିଥିଲେ ଓ ମହୋତ୍ସବ ମଂଚରେ ମଧ୍ୟ ସେମାନଙ୍କର କଳାକୌଶଳ ପ୍ରଦର୍ଶନ କରିଥିଲେ।

## ଜ୍ୟୋତିର୍ବିଦ୍ ଶ୍ରୀପତି ଆର୍ଯ୍ୟ ଆନ୍ତର୍ଜାତୀୟ ଜ୍ୟୋତିଷ ସଂଘ, ଆମେରିକା ଦ୍ୱାରା ସମ୍ମାନିତ

ଭୁବନେଶ୍ୱର (ପିଏନ୍) : ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆର୍ଯ୍ୟ ଜଣେ ଉଚ୍ଚକୋଟୀର ଜ୍ୟୋତିର୍ବିଦ୍ ଏବଂ ବାସ୍ତୁଶାସ୍ତ୍ର ବିଶାରଦ ମଧ୍ୟ। ଜୀବନ କାଳରେ ନିଜର ମହାନ୍ ସାଧନା ଏବଂ ସଠିକ ଭବିଷ୍ୟତବାଣୀ ପାଇଁ ପୂର୍ବରୁ ଅନେକ ସମ୍ମାନର ଅଧିକାରୀ ହୋଇସାରିଛନ୍ତି। କିନ୍ତୁ ଏଥର ଆନ୍ତର୍ଜାତୀୟ ଜ୍ୟୋତିଷ ସଂଘ ଆମେରିକା ଦ୍ୱାରା ସମ୍ମାନିତ ହୋଇଛନ୍ତି। ମହାରାଷ୍ଟ୍ରର ନାଗପୁର ସହରରେ ‘ଭାରତୀୟ ଅର୍ଥନୀତିର ଭବିଷ୍ୟତ’ ଏବଂ ‘ବୈଦିକ ଗଣିତ ଜ୍ୟୋତିଷ ଶାସ୍ତ୍ର କ୍ଷେତ୍ରରେ ବରାହମିହିର ଏବଂ ଆର୍ଯ୍ୟଭଟ୍ଟଙ୍କ ଭୂମିକା’ ଶୀର୍ଷକ ଏକ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ‘ଆନ୍ତର୍ଜାତୀୟ ଜ୍ୟୋତିଷ ସର୍ବେକ୍ଷଣ ସଂଘ, ଆମେରିକା’ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ବିଶ୍ୱର ଅନେକ ଦେଶର ବରିଷ୍ଠ ଜ୍ୟୋର୍ତିବିଦ୍ ମାନେ ଉପସ୍ଥିତ ଥିଲେ। ଏହିଠାରେ ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆର୍ଯ୍ୟ, ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରୁଥିଲେ ଏବଂ ସେହିଠାରେ ସ୍ଥାନୀୟ ଅତିଥି ଭାବେ ଏବଂ ଜ୍ୟୋତିଷ ବିଦ୍ୟା କ୍ଷେତ୍ରରେ ନିଜର ସାଧନା ପାଇଁ ତାଙ୍କୁ ‘ବରାହ ମିହିର ଜ୍ୟୋତିଷ ପୁରସ୍କାର’ ସମ୍ମାନରେ ସମ୍ମାନିତ କରାଯାଇଛି।

## ଝିଲିକ ମୋସନ ପିକଚର ଡ଼ବଲ ଧମାକା




ଖୋର୍ଦ୍ଧା। (ପିଏନ୍)-ଝିଲିକ ମୋସନ ପିକଚରର୍ସ ଦର୍ଶକଙ୍କ ପାଇଁ ଭେଟି ଦେବାକୁ ଯାଉଛି ଡ଼ବଲ ଧମାକା। ଗୋଟିଏ ଦିନରେ ଦୁଇଟି ଚଳଚିତ୍ରର ମହୁରତ କରିଛି ଝିଲିକ ମୋସନ ପିକଚରର୍ସ। ଦୁଇଟି ଯାକ ଚଳଚିତ୍ରର ଶୁଭ ମହୁରତ ଅନୁଷ୍ଠିତ ହୋଇଛି। ଏହି ଦୁଇଟି ସିନେମା ମଧ୍ୟରୁ ଗୋଟିଏର ନାଁ ରହିଛି ତୋର ମୋର କଟି ଓ ଅନ୍ୟଟିର ନାଁ ରହିଛି ପ୍ରିୟେ ତୁ ମୋର ସିଏ। ତୋର ମୋର କଟି ଚଳଚିତ୍ରରେ ମୁଖ୍ୟ ଭୂମିକାରେ ଓଲିଉଡ଼ ମେଗାଷ୍ଟାର ସିଦ୍ଧାନ୍ତ ମହାପାତ୍ର ନଜର ଆସିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶୈଳେନ୍ଦ୍ର, ଶିତଲ, ଟୁକୁନା ଷ୍ଟାଇଲିସ, ସୁଦିପ୍ତ କାଳିଆ ଷଣ୍ଢ, ଜୀବନ ପଣ୍ଡ, ଐଶ୍ୱର୍ଯ୍ୟା, ସୁଧାଂଶୁ ମୋହନ ସାହୁ, ଟୁଟୁ ନାୟକ ପ୍ରମୁଖ ନଜର ଆସିବେ। ସେହିପରି ଦ୍ୱିତୀୟ ସିନେମା ପ୍ରିୟେ ତୁ ମୋର ସିଏରେ ଅମ୍ଳାନ ନାୟକ ଭୂମିକାରେ ନଜର ଆସିଥିବା ବେଳେ ଏଲିନା ଓ ବବି ମିଶ୍ର ମଧ୍ୟ ନଜର ଆସିବେ। ଏମାନଙ୍କ ସହ ସୋମା ଭୌମିକ ଅମର, ଗୁଡ୍ଡୁ, ଧରିତ୍ରୀ ଖଣ୍ଡୁଆଳ, ପୃଥିରାଜ ନାୟକ, ଟିଲୁ ଭାଇ ଓ ଇଲୁ ବାନାର୍ଜୀ ପ୍ରମୁଖ ଅଭିନୟ କରିଛନ୍ତି। ରମେଶ ରାଉତ ତୋର ମୋର କଟି ଚଳଚିତ୍ରରେ ନିର୍ଦ୍ଦେଶନା ଦେଇଥିବା ବେଳେ ଏଥିରେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମାନନ୍ଦ। ସେହିଭଳି ପ୍ରିୟେ ତୁ ମୋର ସିଏ ଚଳିଚିତ୍ରରେ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଧାଂଶୁ ସାହୁ। ଏଥିରେ ବୈଦ୍ୟନାଥ ଦାସ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଉଭୟ ଚଳଚିତ୍ରର ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ଅଭିନେତ୍ରୀରୁ ପ୍ରଯୋଜନାରେ ପାଦ ଥାପିଥିବା ଝିଲିକ ଭଟ୍ଟାଚାର୍ଯ୍ୟ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜ ସେବୀ ପ୍ରତିମା ଘଡ଼େଇ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଯୋଜକ ଟୁଟୁ ନାୟକ, ପ୍ରଦ୍ୟୁମ୍ନ ଲେଙ୍କା, ଅଭିନେତା ସିଦ୍ଧାନ୍ତ ମହାପାତ୍ର ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ, ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଝିଲିକ ମୋସନ ପିକଚର ବ୍ୟାନରେ ରୁଦ୍ରାଣି ଓ କିସିମିସ ସୁଂଟି ଶେଷ ହୋଇ ରିଲିଜ ଅପେକ୍ଷାରେ ରହିଛି। ଆଗାମୀ ରଥ ଯାତ୍ରାରେ ରୁଦ୍ରାଣି ସିନେମାଟି ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ଘୋଷଣା କରି ସାରିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଡିସେମ୍ବର ୦୬

# ମଣିଷର ଚେତନା ଶକ୍ତିକୁ ଜାଗ୍ରତ କରିଥାଏ ମନ



ମଣିଷର ଯାହା ଆବଶ୍ୟକ, ତାହା ହେଲା ଏକ ସର୍ବୋଚ୍ଚ ଶକ୍ତିରେ ବିଶ୍ୱାସ । ଯେଉଁ ଶକ୍ତିର ଅଧୀନରେ ସମଗ୍ର ବିଶ୍ୱ ରହିଛି, ଯାହା ମନ ଓ ଇନ୍ଦ୍ରିୟର ଅଧୀନ ନୁହେଁ ଓ ଯାହା ବୁଦ୍ଧିକୁ ମଧ୍ୟ ପରିଚାଳିତ କରିଥାଏ । ସେହି ବିଶ୍ୱ ଶକ୍ତିରେ ବିଶ୍ୱାସ ତଥା ତାକୁ ଜାଣିବା ଲାଗି ଧ୍ୟାନ ହିଁ ଆମକୁ ଆତ୍ମ-ଜ୍ଞାନ, ଏକତା, ଶାନ୍ତି ତଥା ସମନ୍ୱୟ ପ୍ରାପ୍ତି କରିବାରେ ସାହାଯ୍ୟ କରିଥାଏ । ଆମ ବୁଦ୍ଧିକୁ ସକ୍ରିୟ କରିପାରୁଥିବା ସେହି ଶକ୍ତିର ଉତ୍ସକୁ ଆମେ ଖୋଜିବା ଦରକାର । ସେହି ଶକ୍ତି ଆମ ଭିତରେ ହିଁ ଲୁଚି ରହିଛି । ଯାହା ଆମ ଅସ୍ତିତ୍ୱର ଗହନ ତତ୍ତ୍ୱ । ଆମେ ନିଜ ଅସ୍ତିତ୍ୱକୁ ଅସ୍ୱୀକାର କରିପାରିବା ନାହିଁ । ବିଶ୍ୱର ଅସ୍ତିତ୍ୱ, ପ୍ରକୃତିର ପ୍ରତ୍ୟେକ ବସ୍ତୁର ଅସ୍ତିତ୍ୱକୁ ଅସ୍ୱୀକାର କରାଯାଇ ନ ପାରେ । ମୁଁ ଅଛି ଏହା ଏକ ସ୍ୱୟଂ ପ୍ରକାଶ୍ୟମାନ ସତ୍ୟ । ଈଶ୍ୱରଙ୍କୁ ଆସ୍ଥା ରୂପେ ଆମେ ହୁଏତ ଅସ୍ୱୀକାର କରିପାରୁ; କିନ୍ତୁ ଅସ୍ତିତ୍ୱକୁ କେବେ ଅସ୍ୱୀକାର କରାଯାଇ ନ ପାରେ । ଏହି ଅସ୍ତିତ୍ୱ, ଏହି ଶକ୍ତି ହିଁ ଈଶ୍ୱର । ସେ ଆମ ସମସ୍ତଙ୍କ ହୃଦୟ ଭିତର ଦେଇ ସ୍ପନ୍ଦିତ ହୁଅନ୍ତି ।

ଗୋଟିଏ ଗାଆଁରେ ଜଣେ ମହାତ୍ମାଙ୍କ ସୁନ୍ଦର ମୂର୍ତ୍ତିଟିଏ ଥିଲା । ମୂର୍ତ୍ତିଟିର ହାତ ଦୁଇଟି ତା' ଆଗରେ ମେଲିହୋଇ ରହିଥାଏ ଏବଂ ତଳେ ଲେଖାଥାଏ ମୋ' ବାହୁଛାୟା ତଳକୁ ଆସ । ଦିନେ ଗାଆଁରେ ଭୀଷଣ ଦଙ୍ଗା ହେଲା । ଲୋକେ ମୂର୍ତ୍ତି ଉପରେ ବି ଆକ୍ରମଣ କରିବା ଫଳରେ ମୂର୍ତ୍ତିର ହାତ ଦୁଇଟି ଭାଙ୍ଗି ଯାଇଥିଲା । ଗାଁର ଲୋକମାନେ ମୂର୍ତ୍ତିଟିକୁ ଭାରି ଭଲ ପାଉଥିଲେ ଓ ତାହା ଖଣ୍ଡିଆ ହୋଇଯିବାରୁ ଭାରି ମନଦୁଃଖ କଲେ । ସେମାନେ ଏକାଠି ମିଶି ନିଷ୍ପତ୍ତି କଲେ ଯେ ମୂର୍ତ୍ତିର ନୂଆ ହାତ ତିଆରି କରାଯିବ । କିନ୍ତୁ ସେତେବେଳେ ଜଣେ ବୃଦ୍ଧ ବ୍ୟକ୍ତି ଠିଆହୋଇ କହିଲେ ନା, ମୂର୍ତ୍ତିର ନୂଆ ହାତ ତିଆରି କରିବା କଥା ଆଦୌ ଚିନ୍ତା କରିବା ଦରକାର ନାହିଁ । ମାତ୍ର ଗାଁ ଲୋକ କହିଲେ ଯା' ତଳେ ତ' ଲେଖାହୋଇଛି ମୋ' ବାହୁଛାୟା ତଳକୁ ଆସ । ମାତ୍ର ବୃଦ୍ଧ ଜଣକ କହିଲେ ବାହୁଛାୟା ତଳକୁ ଲେଖା ତଳକୁ ପୁଣି ଲେଖିଦିଅ, ''କିନ୍ତୁ ମୋ' ପାଖେ ତୁମ ସମସ୍ତଙ୍କ ହାତ ଛଡା ଅଲଗା ନିଜ ହାତ ନାହିଁ । ଈଶ୍ୱର ସଦାସର୍ବଦା ଆମକୁ ଏୟାହିଁ ଶିଖାଇଥା'ନ୍ତି ।'' ଏକ ଜନ୍ମିତ ପିଲାକୁ ତା'ର ବାପା, ମା', ଭାଇ, ବନ୍ଧୁ, ସମାଜ ଯେଉଁ ରୀତିନୀତି ଚାଲିଚଳନ ଶିକ୍ଷା ଦେଇଥା'ନ୍ତି, ସରଳ ଶିଶୁଟି ତାହାହିଁ ନିଜ ଜୀବନରେ ଶିକ୍ଷା କରିଥାଏ । ମାତ୍ର ଆମେ ପିଲାଟିକୁ ସମସ୍ତ ଶିକ୍ଷା ଦେଉଥିଲା ବେଳେ ଆତ୍ମାର ଅନନ୍ତ ଶକ୍ତି ବିଷୟରେ ଶିକ୍ଷା ଦେଇ ନ ଥାଉ । କେବଳ ମଣିଷ ହିଁ ନିଜ ବ୍ୟକ୍ତିତ୍ୱ ବିଷୟରେ ସଚେତନ ଥାଏ । ଗାଈଟିଏ କେବେ ଭାବେନାହିଁ ଯେ ସେ ଗୋଟିଏ ଭାରତୀୟ ଗାଈ ବା ଆମେରିକାର ଗାଈ, ଗୋରୀ ବା କାଳୀ ଗାଈ, ଦେଶୀ ବା ଜର୍ସି ଇତ୍ୟାଦି । କେବଳ ମଣିଷ ହିଁ ଏପରି ଭାବିଥାଏ । ଏ ବିଶ୍ୱ ଏକ, ଅନେକ ନୁହେଁ, ମନୁଷ୍ୟ ତଥା ତା'ର କ୍ରିୟାକଳାପ ହିଁ ବିଶ୍ୱର ସମନ୍ୱୟତାରେ ଲୟଭଙ୍ଗ କରିବାର ପ୍ରୟାସ କରିଛି । ଏ ସୃଷ୍ଟିର ମୂଳ ଶକ୍ତି ନିଜେ ଏହାର ସ୍ଥିତି ଓ ଲୟ କାରକ । କୌଣସି ଗୋଟିଏ ଜାଗାରେ ଭଲ କଥାଟିଏ ଘଟିଲେ ତା'ର ତରଙ୍ଗ ସାରା ବିଶ୍ୱରେ ଖେଳିଯାଇଥାଏ । ମନ୍ଦ କାମଟିଏ ଘଟିଲେ ତା'ର ପ୍ରତିଫଳନ ମଧ୍ୟ ଠିକ୍ ସେହିପରି ବିଶ୍ୱବ୍ୟାପୀ ଖେଳିଯାଇଥାଏ ।

ଆମ ଶରୀରରେ ଯେଉଁ ଚେତନାର ହୃତ୍‌ସ୍ପନ୍ଦନ ଥାଏ, ତାହାହିଁ ବୃକ୍ଷ, ଲତାରେ ମଧ୍ୟ ଥାଏ । ଯେଉଁ ଶକ୍ତି ଆମକୁ କଥାବାର୍ତ୍ତା କରିବାକୁ ଓ ଗୀତ ଗାଇବାକୁ ଶକ୍ତି ଦେଇଥାଏ, ସେଇ ଶକ୍ତି ଗାଈ, ଚଢେଇ ଓ ପଶୁକୁ ଗର୍ଜିବା ଲାଗି ମଧ୍ୟ ଶକ୍ତି ଦେଇଥାଏ । ପବନ ବହିବା ଲାଗି, ନଦୀର ପ୍ରବାହ ଲାଗି, ସୂର୍ଯ୍ୟ ଓ ଚନ୍ଦ୍ରକୁ କିରଣ ଦେବାଲାଗି ମଧ୍ୟ ଶକ୍ତି ଦେଇଥାଏ । ଏହି ଶକ୍ତି ମଣିଷର ପ୍ରତି ଶିରାପ୍ରଶିରାରେ ମଧ୍ୟ ସ୍ପନ୍ଦିତ ହୋଇଥାଏ । ଏହି ବିଚାର ରଖି ମଣିଷ ଯଦି ପ୍ରଗତି କଥା ବିଚାର କରେ, ତେବେ ସଂଦେହ ହେବ ଯେ ସତରେ କ'ଣ ମଣିଷ ପ୍ରଗତି କରୁଛି ? ଆଜି ଆମେ ଯେଉଁ ବିକାଶ ଦେଖୁଛୁ, ତାହା ସାମଗ୍ରିକ ନୁହେଁ, କେବଳ କେତୋଟି ଅଙ୍ଗର ହିଁ ବିକାଶ । ଆମ ଶରୀର ଏକ ପୂର୍ଣ୍ଣ ଏକକ । ତା'ର ବିକାଶରେ ପୂରା ଶରୀରର ବିକାଶ ହୋଇଥାଏ । ଯଦି କେବଳ ମୁଣ୍ଡଟି ବଡ ହୋଇଚାଲେ ଓ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ଆଦୌ ନ ବଢେ, ତେବେ ଆମେ ତାକୁ ଏକ ବିକଳାଙ୍ଗ ବା କୁରୂପ ବୋଲି କହିଥାଉ । ଏହି କଥାଟି ମଣିଷର ଶରୀର ପାଇଁ ମଧ୍ୟ ଲାଗୁ ହୋଇଥାଏ । ଆମ ଶରୀର ପରି ପୃଥିବୀ ମଧ୍ୟ ଏକ ଏକକ । ବିଭିନ୍ନ ରାଷ୍ଟ୍ର ତା'ର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ । କିନ୍ତୁ ଆଜି ସବୁ ଦେଶ କେବଳ ନିଜ ନିଜ ଉନ୍ନତିରେ ଲାଗିଛନ୍ତି । ଯଦି ପ୍ରତି ଦେଶ ଏକ ଅଙ୍ଗ ହୁଏ ଓ ତାହା ସମଗ୍ର ବସୁଧାର ଅଙ୍ଗବିଶେଷ ଭାବେ ପରିଗଣିତ ହୁଏ, ତେବେ କେବଳ ଗୋଟିଏ ଦେଶର ପ୍ରଗତିକୁ ଆମେ ସମ୍ପୂର୍ଣ୍ଣ ବିକାଶ ବୋଲି କିପରି କହିପାରିବା ! ଗପଟିଏ ମନେପଡେ । ଗୋଟିଏ ଲୋକକୁ ଏକାସଙ୍ଗରେ ଦୁଇଟି ରୋଗ ହୋଇଥିଲା । ଡାକ୍ତର ତାକୁ ତା'ର ଆଖିରୋଗ ପାଇଁ ଗୋଟିଏ ଔଷଧ ଓ ପେଟରୋଗ ପାଇଁ ଅନ୍ୟ ଔଷଧ ଦେଇଥିଲେ । ଘରକୁ ଆସି ରୋଗୀଟି ଆଖି ଔଷଧରୁ ଦୁଇପାନେ ଖାଇଥିଲା ଓ ପେଟ ଔଷଧକୁ ଆଖିରେ ପକାଇଥିଲା । ଫଳରେ ଦୁଇଟିଯାକ ରୋଗ ବଢି ଯାଇଥିଲା । ଆଜିର ସମାଜରେ ଆମେ ମଧ୍ୟ କଥାକୁ ସଠିକ୍ ଭାବେ ନବୁଝି ନିଜର ବିବେକକୁ ବିଚାର ନକରି ଭୁଲ କରିଚାଲିଛୁ । ତେଣୁ ଆମର ଜୀବନଯାପନ ଓ ଚିନ୍ତାଧାରା ସବୁକିଛି ଆଜି ଗୋଳମାଳିଆ ଅବସ୍ଥାରେ ପହଞ୍ଚିଛି । ଅସଲରେ ଆମ ଭିତରେ ଥିବା ଚେତନା ଶକ୍ତିର ବିକାଶକୁ ହିଁ ମହତ୍ତ୍ୱ ଦେବା ଉଚିତ୍ । ଗୋଟିଏ ମଣିଷର ମନର ଖଣ୍ଡିତ ଅବସ୍ଥା ପୂରା ପରିବାରର ବିଭାଜିତ ପାଇଁ ଦାୟୀ ହୋଇଥାଏ । ଆଜି ତା'ର ପ୍ରତିଫଳନ ସମାଜ, ରାଷ୍ଟ୍ର ଏବଂ ସମଗ୍ର ପୃଥିବୀ ଉପରେ ପଡିଛି । ସମଗ୍ର ମାନବଜାତି ଆଜି ବିଭାଜିତ ଓ ବିଖଣ୍ଡିତ । ଆଜି ମଣିଷ ମନର ସ୍ୱାର୍ଥପରତା ଓ ବିବେକଶୂନ୍ୟତା ଯୋଗୁ ପ୍ରକୃତିର ସମନ୍ୱୟ ନଷ୍ଟ ହୋଇଯାଉଛି । ସମସ୍ତ ଜୀବଙ୍କ ଭିତରେ ସ୍ଫୁରିତ ହେଉଥିବା ଚେତନାର ଏକହିଁ ତାଳ ଏକହିଁ ଶ୍ରୁତି । ମଣିଷର ହୃଦୟ ଭିତରେ ଏହି ଚେତନା ଶକ୍ତି ଜାଗ୍ରତ କରିବାରେ ମନ ହିଁ ଶ୍ରେଷ୍ଠ ମାର୍ଗ ।

**ଉମାଶଙ୍କର ପ୍ରସାଦ**, ସ୍ତମ୍ଭକାର, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

## ଆଜିର ଅନୁଚିନ୍ତା

ଶରୀର ନଶ୍ୱର ହେଲେ ମଧ ଦିବ୍ୟଜ୍ଞାନର ସାଧନ ହେତୁ ସମ୍ପୂର୍ଣ୍ଣ ତ୍ୟଜ୍ୟ ନୁହେଁ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।
E-mail: editorpbkc@gmail.com
9853400829 (M), Fax: 0674-2550504

# ସାକ୍ଷରତା ଓ ମାନବ ସମ୍ବଳ ବିକାଶ

ହିମାଂଶୁଶେଖର ଆଚାର୍ଯ୍ୟ



ପେଟକୁ ଦାନା, ପିଠିକି କନା, ମୁଣ୍ଡ ଗୁଞ୍ଜିବାକୁ ବାସ, ରୋଗକୁ ଔଷଧ ଓ ପଢିବାକୁ ଦି' ଅକ୍ଷର ପାଠ ଜଣେ ନାଗରିକ ପାଇଁ ଏତିକି ସର୍ବନିମ୍ନ ଆବଶ୍ୟକତା ଅପରିହାର୍ଯ୍ୟ । ଏଥିମଧ୍ୟରୁ ପାଠର ଗୁରୁତ୍ୱ ଯଥେଷ୍ଟ ରହିଛି । କାରଣ ଏହାଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ । ଅନ୍ୟ ଅର୍ଥରେ କହିଲେ, ସାକ୍ଷରତା ହିଁ ଗୋଟିଏ ଦେଶର ପ୍ରଗତିର ଚାବିକାଠି । ତେଣୁ ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ । ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବ ନାହିଁ । ଏକ ଲୋକପ୍ରିୟ କାହାଣୀ କୁହେ- "ଯଦି ତୁମେ ଆଗାମୀ ଏକ ବର୍ଷ ପାଇଁ ଯୋଜନା କରୁଛ, ତାହାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା' ଠାରୁ ଊର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତାହାହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତା'ହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ ।" ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ସବୁ ପିଲାଙ୍କ ପାଇଁ ଦି ଅକ୍ଷର ପାଠ ପଢିବା ସ୍ୱପ୍ନ । ଏହାହିଁ ବିଡମ୍ବନା ।

ସାକ୍ଷରତା କେବଳ ଏକ ଅଧିକାର ନୁହେଁ ବରଂ ସାମାଜିକ ଓ ମାନବ ସମ୍ବଳ ବିକାଶର ଆଧାର ଅଟେ । ତେଣୁ କୌଣସି ଦେଶର ବାସ୍ତବ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡିତ । ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ-ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ଏହା ସିଧାସଳଖ ପ୍ରଭାବିତ କରେ । ବିଶେଷକରି କମ୍ପ୍ୟୁଟର, ଇଣ୍ଟରନେଟ୍, ମୋବାଇଲ, ହ୍ୱାଟସଆପ୍, ଫେସବୁକ୍ ଓ ଟ୍ୱିଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଆଁରେ ପରିଣତ କରିଥିବା ବେଳେ ସାକ୍ଷରତା ସହ ବହୁଭାଷୀ ଦକ୍ଷତାର ଗୁରୁତ୍ୱ ଆହୁରି ବଢିଯାଇଅଛି । କାରଣ ଏହା କାର୍ଯ୍ୟକୁଶଳତା ବୃଦ୍ଧି କରିବା ସହ ଜୀବନଧାରଣର ମାନକୁ ଉନ୍ନତ କରିଥାଏ । ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ । ପ୍ରତି ପାଞ୍ଚଜଣ ପ୍ରାପ୍ତବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୂନ ସାତକୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହାପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ । ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି । ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଊର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି ।

ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ମଧ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଏହି ପରିପ୍ରେକ୍ଷୀରେ ଆମ ଦେଶ କଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ ଥିଲା । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ । କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨% । ଆମ ଓଡିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ, ଯାହାକି ଜାତୀୟ ହାରଠାରୁ କମ୍ । ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ ।

ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା । ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି । ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି । ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୂପ । ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ କରାଇଛନ୍ତି । ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି । ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି । ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଏହାଦ୍ୱାରା ୬ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି । ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି ।

ଶିକ୍ଷାଦାନ କେବଳ ଜୀବିକା ନୁହେଁ । ଅନେକ ଶିକ୍ଷକ-ଶିକ୍ଷୟିତ୍ରୀ ଏହାକୁ ନିଜ ଧର୍ମ ମନେକରନ୍ତି । ହେଲେ ଏମାନଙ୍କ ସଂଖ୍ୟା ହାତଗଣତି । ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍କୁଲରେ ପାଠ ପଢାଇବା ଭିନ୍ନ ସରକାର ଅନ୍ୟକାର୍ଯ୍ୟରେ ନିୟୋଜିତ କରୁଛନ୍ତି । ନିର୍ବାଚନ ସର୍ଭେ ଏବଂ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା ତଥା ଆଇରନ୍ ବଟିକା ବଣ୍ଟନ ଏହି କାର୍ଯ୍ୟତାଲିକା ଅନ୍ତର୍ଭୁକ୍ତ । ଅନ୍ୟପକ୍ଷରେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାରେ ସରକାରୀ କଳର ଉଦାସୀନତାକୁ ମଧ ଅଣଦେଖା କରାଯାଇ ନ ପାରେ । ସେହିପରି ବିଦ୍ୟାଳୟ-ମାନଙ୍କରେ ରାଜନୀତିକ ଗତିବିଧି ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟପଟେ ଛତୁ ଫୁଟିବା ପରି ଖୋଲୁଥିବା ଘରୋଇ ବିଦ୍ୟାଳୟଗୁଡିକ ସରକାରୀ ବିଦ୍ୟାଳୟର ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦେଉଛି । ଭାରତ ସରକାର ଶିକ୍ଷା ଅଧିକାର ଆଇନ ପ୍ରଣୟନ କରିଛନ୍ତି । ସର୍ବଶିକ୍ଷା ଅଭିଯାନ ମଧ୍ୟ ଜାରି ରହିଛି । ଯୋଜନା ପରେ ଯୋଜନା ଚାଲିଛି । ଅପରପକ୍ଷରେ ବନ୍ଦ ହେଉଛି ଗୋଟିଏ ପରେ ଗୋଟିଏ ଶିକ୍ଷାନୁଷ୍ଠାନ । ବଢିଚାଲିଛି ସ୍କୁଲ ଛାଡନ୍ତା ଡ୍ରପ୍‌ଆଉଟଙ୍କ ସଂଖ୍ୟା । ଶିକ୍ଷକ, ଅଭିଭାବକ, ସମାଜ ଓ ସରକାରଙ୍କ ସହଯୋଗ, ସମନ୍ୱୟ ଓ ସହଭାଗିତା ଅଭାବରୁ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ । ତେଣୁ ସଭିଙ୍କୁ ଶିକ୍ଷିତ କରିବାର ଲକ୍ଷ୍ୟ ପଥଭ୍ରଷ୍ଟ ହେଉଛି । ତେଣୁ ସବୁ ଶିଶୁଙ୍କୁ ଦି' ଅକ୍ଷର ପାଠ ଯୋଗାଇ ଦେବାପାଇଁ ସବୁ ସ୍ତରରେ ନିରନ୍ତର ଓ ବ୍ୟାପକ ଉଦ୍ୟମ ଲୋଡା ।

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୩୩୭୨୨୧୯୨୪*

# ଘରୋଇ ହିଂସା

ରଘୁନାଥ ମହାପାତ୍ର



ଶୃଙ୍ଖଳା ଓ ସଦାଚାରର ଶିକ୍ଷା ଘରୁ ହିଁ ଆରମ୍ଭ ହୋଇଥାଏ । ଯେଉଁ ଘର ଯେତେ ଶୃଙ୍ଖଳିତ, ସେହି ପରିବାରର ପିଲାମାନେ ସେତେ ସୁସଜ୍ଜିତ । ଏପରିକି ଏହାର ପ୍ରଭାବ ମଧ ପାଖ ପଡ଼ୋଶୀଙ୍କ ଉପରେ ପଡ଼ିଥାଏ । ସୁତରାଂ ପାରିବାରିକ ଶୃଙ୍ଖଳା ସାମାଜିକ ବାତାବରଣରେ ମଧ ପରିବର୍ତ୍ତନ ଆଣିପାରେ । କିନ୍ତୁ ଆଜି ସମାଜକୁ ନିରୀକ୍ଷଣ କଲେ ସ୍ପଷ୍ଟ ବୁଝାପଡୁଛି ଯେ, ଅଧିକାଂଶ ପରିବାର ବିଶୃଙ୍ଖଳିତ । ଏହି ବିଶୃଙ୍ଖଳା ହିଁ ପାରିବାରିକ କଳହକୁ ସ୍ନେହ, ଭଲ ପାଇବା ରହୁ ନ ଥିବା କାରଣରୁ ଘର ବୈକୁଣ୍ଠ ସମାନ କରିବାର ପରିକଳ୍ପନା ଧୂଳିସାତ ହୋଇଯାଉଛି । ଯୌଥ ପରିବାର ଭାଙ୍ଗି ଯାଉଛି ।

ଆଜିର ସମାଜରେ ଘରୋଇ ହିଂସା କେବଳ ବଧୂ ନିର୍ଯାତନା, ଯୌତୁକଜନିତ ହତ୍ୟାରେ ସୀମିତ ହୋଇ ରହିନାହିଁ । ଏହା ଭିନ୍ନ ଭିନ୍ନ ରୂପ ଗ୍ରହଣ କରିସାରିଲାଣି । ପ୍ରତିଦିନ ଖବରକାଗଜ ଓଲଟାଇଲେ ଏସବୁର ଉଦାହରଣ ଦେଖିବାକୁ ମିଳୁଛି । କୌଣସି କାରଣରୁ କେଉଁଠି ବାପ ପୁଅକୁ ହତ୍ୟା କରୁଛି ତ' କେତେବେଳେ ଭାଇ-ଭାଇ ମଧ୍ୟରେ ସଂଘର୍ଷ ଘଟି କାହାର ପ୍ରାଣ ଯାଉଛି । ପୁଅ ମା' ଓ ବାପାଙ୍କୁ ମଧ ହତ୍ୟା କରିବାକୁ ପଛାଉନାହିଁ । ଭାଇ-ଭଉଣୀ ସମ୍ପର୍କରେ ତିକ୍ତତା ରକ୍ତପାତର କାରଣ ହେଉଛି । ଜେଜେ-ନାତି ସମ୍ପର୍କରେ ମଧ ଫାଟ ସୃଷ୍ଟି ହେଲାଣି । ଘରୋଇ ହିଂସା ଏବେ ସାମାଜିକ ଅବକ୍ଷୟର ଅନ୍ୟତମ ପ୍ରମୁଖ କାରଣ ହୋଇଗଲାଣି । ପ୍ରେମ, ଅର୍ଥ, ଜମିଜମା ଏବଂ ନିଶାସେବନ ହିଁ ଘରୋଇ ହିଂସାର କାରଣ । ସ୍ୱଚ୍ଛଳ ବର୍ଗରେ ଅର୍ଥ ହିଁ ଅନର୍ଥ କରୁଥିବାବେଳେ ଗରିବ ପରିବାରରେ ଅର୍ଥାଭାବ କଳହ ସୃଷ୍ଟି କରୁଛି, ଯାହାକି ହିଂସାର ରୂପ ନେଉଛି । ନିଶା ସେବନ କରୁଥିବା ବ୍ୟକ୍ତିମାନେ ଘରେ ଅଶାନ୍ତି ସୃଷ୍ଟି କରୁଛନ୍ତି । ପରକୀୟା ପ୍ରେମକୁ ନେଇ ସ୍ତ୍ରୀ ଓ ସ୍ୱାମୀ ମଧ୍ୟରେ ସୃଷ୍ଟି ହେଉଥିବା ସନ୍ଦେହ ସେମାନଙ୍କ ମଧ୍ୟରୁ କାହାର ଜୀବନ ନେଉଛି । ଝିଅ ଓ ପୁଅଙ୍କ ପ୍ରେମ ବ୍ୟାପାରକୁ ନେଇ ମଧ ଅଧିକାଂଶ ମାତାପିତା କ୍ଷୁବ୍ଧ । ଏଥିପାଇଁ ସେମାନେ କେଉଁ ସ୍ତରକୁ ଯାଇପାରନ୍ତି ତାହା ଦିଲ୍ଲୀ ନିକଟବର୍ତ୍ତୀ ନୋଏଡ଼ାରେ ଘଟିଥିବା ଆରୁଷୀ ତଲୱାର ହତ୍ୟା ଘଟଣାରୁ ସ୍ପଷ୍ଟ ।

ଏପରିସ୍ଥଳେ ଘରୋଇ ହିଂସା ଆଇନ ଏହାକୁ ରୋକିବାରେ ବିଫଳ ହେଉଛି । ଏହି ଆଇନ ମହିଳାଙ୍କ ବିରୋଧରେ ହେଉଥିବା ଘରୋଇ ହିଂସାକୁ ରୋକିବା ପାଇଁ ୨୦୦୫ରେ ପ୍ରଣୟନ କରାଯାଇଥିଲା । ଏହା ବଳରେ ମୁଖ୍ୟତଃ ପୁରୁଷମାନେ ହିଁ ଦଣ୍ଡିତ ହୋଇ ଆସୁଛନ୍ତି । ନ୍ୟାସନାଲ କ୍ରାଇମ୍ ରେକର୍ଡ଼ସ ବ୍ୟୁରୋ ଅନୁଯାୟୀ ଏବେ ବି ଭାରତରେ ପ୍ରତି ତିନି ମିନିଟ୍‌ରେ ଜଣେ ମହିଳା ନିର୍ଯାତନାର ଶିକାର ହେଉଛନ୍ତି । ତାହା ହୋଇପାରେ ବଳାତ୍କାର ବା ଯୌତୁକଜନିତ ମୃତ୍ୟୁ କିମ୍ବା ପରିବାର ଲୋକଙ୍କ ଦ୍ୱାରା ଅନ୍ୟ କାରଣରୁ ନିର୍ଯାତନା । ଦୀର୍ଘ ୭ ବର୍ଷ ଧରି ଆଇନ କାର୍ଯ୍ୟକାରୀ ହେଉଥିଲେ ମଧ ଏହି ଅପରାଧର ସଂଖ୍ୟା ହ୍ରାସ ପାଉନାହିଁ । ବରଂ ଦିନକୁ ଦିନ ଏହା ବଢ଼ିବାରେ ଲାଗିଛି । କେବଳ ଓଡ଼ିଶାରେ ଏହା ୧୭ ପ୍ରତିଶତ ବୃଦ୍ଧି ପାଇଲାଣି ବୋଲି ବିଧାନସଭା ତଥ୍ୟରୁ ଜଣାପଡ଼ିଛି । ଅନ୍ୟପକ୍ଷରେ ଆଜିର ସମାଜରେ ଘରୋଇ ହିଂସାର ପରିସର ପ୍ରସାରିତ ହେବାରେ ଲାଗିଛି । ଫଳରେ ଉପରୋକ୍ତ ଆଇନ ତା'ର ପ୍ରାସଙ୍ଗିକତା ହରାଇବାକୁ ବସିଛି । ଦେଶରେ ବିଭିନ୍ନ ପ୍ରାନ୍ତରୁ ସ୍ୱର ଉଠିଲାଣି ଯେ, ମହିଳାମାନେ ଏହି ଆଇନର ଅପବ୍ୟବହାର କରିବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି । ଘରୋଇ ହିଂସାର ଏକ ଭିନ୍ନ ରୂପ ନିକଟଅତୀତରେ ଭୁବନେଶ୍ୱର ଶହୀଦନଗର ଥାନା ଅଧୀନ ପଥରବନ୍ଧ ବସ୍ତିରେ ଦେଖିବାକୁ ମିଳିଥିଲା । ଏହି ବସ୍ତିରେ ଜଣେ ମହିଳା ତାଙ୍କର ସାନଭଉଣୀଙ୍କୁ କଟୁରିରେ ହାଣି ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଥିଲେ ।

ସାନଭଉଣୀର ଦୋଷ ହେଉଛି ଯେ, ସେ ତାଙ୍କର ସଉତୁଣୀ ହୋଇ ଘରେ ରହୁଥିଲେ । ଯେଉଁଥିପାଇଁ କି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା । ଭାତହାଣ୍ଡିରୁ ଗୋଟିଏ ଚିପିଲା ଭଳି ଏହା ଏକ ଉଦାହରଣ ମାତ୍ର । ୨୦୧୦ ମସିହା ଡିସେମ୍ବର ମାସରେ ରାଉରକେଲାରେ ଜଣେ ବୟସ୍କ ବ୍ୟକ୍ତି ତାଙ୍କ ନାତିର ଆଚରଣରେ ଅତିଷ୍ଠ ହୋଇ ତାକୁ ହତ୍ୟା କରିବା ପାଇଁ ଘରେ ନିଆଁ ଲଗାଇ ଦେଇଥିଲେ । ଫଳରେ ନାତି ଓ ତାର ଚାରିଜଣ ସାଙ୍ଗ ଜୀବନ୍ତ ଦଗ୍ଧ ହୋଇଥିଲେ । ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡାହାଣୀ ସନ୍ଦେହରେ ପତ୍ନୀ, ମାଆ, ଖୁଡ଼ୀ ଆଦିଙ୍କୁ ହତ୍ୟା ଘଟଣା ନୂଆ ହୋଇ ରହିନାହିଁ । ନିଶାସକ୍ତ ପୁଅ କୌଣସି କାରଣରୁ ମାଆ, ବାପାଙ୍କୁ ପିଟି ହତ୍ୟା କରିବା ଘଟଣା ପାରିବାରିକ ହିଂସାର ଭିନ୍ନ ରୂପକୁ ସାମ୍ନାକୁ ଆଣୁଛି । ଏହାସତ୍ତ୍ୱେ ଘରେ ଅଧିକ ନିର୍ଯାତନା ଭୋଗୁଛନ୍ତି ମହିଳା । ଏଭଳି ଘଟଣା କେବଳ ଆମ ରାଜ୍ୟରେ ନୁହେଁ, ଦେଶର ଅନେକ ସ୍ଥାନରେ ଘଟୁଛି । ନିକଟ-ଅତୀତରେ କେରଳର କୋଚିଠାରେ ସଦର୍ଣ୍ଣ ନାଭାଲ କମାଣ୍ଡରରେ କାର୍ଯ୍ୟରତ ଜଣେ ନୌସେନା ଅଧିକାରୀଙ୍କ ବିରୋଧରେ ତାଙ୍କର ଓଡ଼ିଆ ପତ୍ନୀ ଯୌନ ନିର୍ଯାତନା ଅଭିଯୋଗ ଉଠାଇଥିଲେ । ଏଥିରୁ ସ୍ପଷ୍ଟ ଯେ, ଉଚ୍ଚବର୍ଗରେ କେଉଁ ଧରଣର ପାରିବାରିକ ହିଂସା ଘଟୁଛି ।

ୟୁନିସେଫ୍‌ର ଗ୍ଲୋବାଲ ରିପୋର୍ଟ ୨୦୧୨ ଅନୁସାରେ ଭାରତରେ ୫୭ ପ୍ରତିଶତ ଅବିବାହିତ ଯୁବକ ଭାବନ୍ତି ପତ୍ନୀଙ୍କୁ ଶାରୀରିକ ଶାସ୍ତି ଦେବା ଯୁକ୍ତିଯୁକ୍ତ । ଆଶ୍ଚର୍ଯ୍ୟର କଥା ହେଉଛି, ୫୩ ପ୍ରତିଶତ ଅବିବାହିତ ଯୁବତୀ ମଧ ଅନୁରୂପ ଚିନ୍ତାଧାରା ପୋଷଣ କରନ୍ତି । ଏଭଳି ମନୋବୃତ୍ତିର ଝିଅ ଓ ପୁଅମାନେ ବିବାହ ପରେ ସେମାନଙ୍କ ପରିବାରକୁ କେତେ ଶୃଙ୍ଖଳିତ ଓ ଶାନ୍ତ ରଖିବେ, ତାହା ଜଳଜଳ ଦିଶୁଛି । ପୁରୁଷମାନେ ମହିଳାମାନଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ବିବେଚନା କରିବା ମାନସିକତାରୁ ମୁକୁଳି ପାରୁନାହାନ୍ତି । ଫଳରେ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ଅନ୍ତ ଘଟୁନାହିଁ । କେବଳ ସ୍ୱାମୀଙ୍କ ରୋଜଗାର ଉପରେ ନିର୍ଭରଶୀଳ ମହିଳାମାନେ ନୁହନ୍ତି, ଘରକାମ ତୁଟାଇ ପରିବାରର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେଉଥିବା କର୍ମଜୀବୀ ମହିଳାମାନେ ମଧ ନିର୍ଯାତନାର ଶିକାର ହେଉଛନ୍ତି । ଏକଥା ଲେଖିବା ବେଳେ ଆମେ ସଚେତନ ଯେ, ନିର୍ଯାତନାର ଶିକାର ହେଉଥିବା ମହିଳାମାନେ ସମ୍ପୂର୍ଣ୍ଣ ଭାବେ ନିର୍ଦ୍ଦୋଷ ନୁହନ୍ତି । ଅନେକ ମହିଳାଙ୍କ ଆଚରଣରେ ସ୍ୱାମୀ, ଶାଶୁ ଶ୍ୱଶୁର ମଧ ଅତିଷ୍ଠ । ଏପରିସ୍ଥଳେ 'ଜୋର ଯାର ମୂଲକ ତାର' ନ୍ୟାୟରେ ସେମାନେ ନିର୍ଯାତନାର ଶିକାର ହେଉଛନ୍ତି । ଘରେ ଶାନ୍ତି ମଧ ବିଘ୍ନିତ ହେଉଛି । ଘରୋଇ ହିଂସାକୁ ରୋକିବା ପାଇଁ କେବଳ ଆଇନ ପର୍ଯ୍ୟାପ୍ତ ନୁହେଁ । କାରଣ ଆଇନର ଆଶ୍ରୟ ନେଉଥିବା ବ୍ୟକ୍ତି କାହାକୁ ନ୍ୟାୟ ଦେଇପାରେ, ମାତ୍ର କଦାଚିତ୍ ପାରିବାରିକ ଶାନ୍ତି ଆଣିପାରିବ ନାହିଁ ।

ମଣିଷ ଯେପର୍ଯ୍ୟନ୍ତ ପାରିବାରିକ ମୂଲ୍ୟବୋଧକୁ ପ୍ରାଥମିକତା ନ ଦେଇଛି ସେପର୍ଯ୍ୟନ୍ତ ଘରୋଇ ହିଂସାର ଉପଶମ ସମ୍ଭବ ନୁହେଁ । ଏହାକୁ ରୋକିବା ପାଇଁ ମାନସିକତାରେ ପରିବର୍ତ୍ତନ ଲୋଡ଼ା । ପରସ୍ପର ସହ ବୁଝାମଣାର ଅଭାବ ଯେପର୍ଯ୍ୟନ୍ତ ଦୂର ହୋଇନାହିଁ ସେ ପର୍ଯ୍ୟନ୍ତ କଜିଆ ଅବ୍ୟାହତ ରହିଥିବ ।

*-ସତ୍ୟଶ୍ରୀ ନିବାସ, ତାରାଚାନ୍ଦ ପାଟଣା, କଟକ, ଦୂରଭାଷ : ୯୨୩୮୬୩୨୭୫୦*

# ରକ୍ତଦାନ ମହାପୁଣ୍ୟ: ନଷ୍ଟ ହେବାପରେ ବି କାମରେ ଲାଗୁଛି



ରକ୍ତର ବିକଳ୍ପ ହିଁ ନାହିଁ । ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁମୂର୍ଷୁଟିକୁ । ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁମୂର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି । ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

କଥାରେ ଅଛି ରକ୍ତଦାନ ମହାପୂଣ୍ୟ । ରକ୍ତ ଦେଇ କାହାର ମୂଲ୍ୟବାନ ଜୀବନ ରକ୍ଷା କରିବା ଠାରୁ ଆଉ ମହତ କାର୍ଯ୍ୟ କିଛି ନାହିଁ । ଏହି ରକ୍ତ ନା କେବଳ ରୋଗୀ ଶରୀରରେ ପ୍ରବେଶ କରି ତାଙ୍କ ଜୀବନ ରକ୍ଷା କରୁନାହିଁ ବରଂ ଏହାର ବିଭିନ୍ନ ଉପାଦାନ ମଧ ଲୋକଙ୍କୁ ଦୂରାରୋଗ୍ୟ ବ୍ୟାଧିରୁ ରକ୍ଷା କରୁଛି । ଏପରିକି ନଷ୍ଟ ହୋଇଯାଇଥିବା ରକ୍ତରୁ ମଧ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଛନ୍ତି । ଓଡ଼ିଶାରେ ବାର୍ଷିକ ୫ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ଏହାର ସିଂହଭାଗ ରକ୍ତ ସିଧାସଳଖ ବ୍ୟବହାର ହେଉଛି । ତେବେ ବଳକା କିଂତ, ପ୍ଲାଜମା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଛି । ପୂର୍ବରୁ ଏହାକୁ ନଷ୍ଟ କରିଦିଆଯାଉଥିଲା, କିନ୍ତୁ କୋଭିଡ଼ ମହାମାରୀ ପରେ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଏହାକୁ ଔଷଧ ପ୍ରସ୍ତୁତକାରୀ କମ୍ପାନୀରୁ ଦିଆଯାଉଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବିକ୍ରି ଅର୍ଥ ସମ୍ପୃକ୍ତ ରକ୍ତ ଭଣ୍ଡାରର ବିକାଶ ପାଇଁ ବ୍ୟୟ କରାଯାଉଛି । ଏହି ଅର୍ଥ ରକ୍ତ ଭଣ୍ଡାର ଉପରେ ନିର୍ଭର କରୁଥିବା ରୋଗୀଙ୍କ କଲ୍ୟାଣ ଦିଗରେ ବ୍ୟୟ କରାଯାଉଛି । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି । ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି-ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି । ଏଣୁ ଏହାର ଚାହିଦା ସର୍ବାଧିକ । ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ । ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ । ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ । ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ । ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ । ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ । ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ । ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ । ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ । ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ ।

ରାଜ୍ୟର ୩୦ ଜିଲ୍ଲାରେ ୫୭ଟି ରକ୍ତ ଭଣ୍ଡାର ରହିଥିବାବେଳେ ବାର୍ଷିକ ପ୍ରାୟ ୫ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଇଥାଏ । ଗତ ବର୍ଷ ୪୯୪୨ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୨୬୦୫୮୧ ଆଉଟଡୋର କ୍ୟାମ୍ପ ଜରିଆରେ ସମୁଦାୟ ୪୮୬୪୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସଂଗୃହୀତ ରକ୍ତକୁ ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ତାପମାତ୍ରାରେ ସଂରକ୍ଷିତ ରଖାଯାଇଥାଏ । ତେବେ ୩୫ ଦିନ ପରେ ରକ୍ତ ଆଉ ବ୍ୟବହାରଯୋଗ୍ୟ ହୋଇନଥାଏ । ରାଜ୍ୟରେ ସଂଗ୍ରହ କରାଯାଉଥିବା ସମୁଦାୟ ୟୁନିଟରୁ ପ୍ରାୟ ୧ ପ୍ରତିଶତ ଜୀବନକାଳ ଶେଷ ହୋଇଯାଇଥାଏ । ରକ୍ତ ସଂଗ୍ରହ ପରେ ସେଥିରେ ଏଚଆଇଭି, ହେପାଟାଇଟିସ ବି ଓ ସି, ଏଚ୍‌ଟିଏଲଭି, ୱେଷ୍ଟ ନାଇଲ ଭାଇରସ ଆଦି ଯାଞ୍ଚ କରାଯାଇଥାଏ । ସଂଗୃହୀତ ରକ୍ତରେ ଏହି ରୋଗ ଜୀବାଣୁ ଚିହ୍ନଟ ହେଲେ ତାହା କୌଣସି ରୋଗୀଙ୍କୁ ଦିଆଯାଇ ପାରିବନାହିଁ । ପୂର୍ବରୁ ଏହାକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିଦିଆଯାଉଥିଲା । ତେବେ ସମ୍ପ୍ରତି ଏଥିରୁ ଫାର୍ମା କମ୍ପାନୀ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାୟ ବାହାର କରି ସେଥିରୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରୁଛନ୍ତି । ଅପରପକ୍ଷେ ପ୍ରତ୍ୟେକ ବ୍ଲଡ଼ ବ୍ୟାଙ୍କରେ ରକ୍ତରୁ ପ୍ଲାଜମା ସଂଗ୍ରହ କରାଯାଇଥାଏ । ଗୋଟିଏ ୟୁନିଟ ରକ୍ତରୁ ପ୍ଲାଜମା ସମେତ ପ୍ଲେଟଲେଟ ଓ ପିଆରଭିସି ବାହାର କରାଯାଏ । ଏଗୁଡ଼ିକ କର୍କଟ, ଡେଙ୍ଗୁ, କୋଭିଡ଼ ଆଦି ରୋଗୀଙ୍କୁ ଦିଆଯାଏ । ତେବେ ଅନେକ ସମୟରେ ଏହି ପ୍ଲାଜମା ରୋଗୀଙ୍କ କାମରେ ଆସିନଥାଏ । ପୂର୍ବରୁ ଏହାକୁ ନଷ୍ଟ କରି ଦିଆଯାଉଥିଲା । ତେବେ କେନ୍ଦ୍ର ସରକାର ନୂଆ ଗାଇଡ଼ଲାଇନ ଆଣିବା ପରେ ସେଗୁଡ଼ିକୁ ଟେଣ୍ଡର ମାଧମରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀକୁ ଯୋଗାଇ ଦିଆଯାଉଛି ଏବଂ କେନ୍ଦ୍ର ସରକାର ସମ୍ପୃକ୍ତ ରକ୍ତ ଭଣ୍ଡାରକୁ ପ୍ରତିବଦଳରେ ଅର୍ଥ ପ୍ରଦାନ କରୁଛନ୍ତି । ଅବ୍ୟବହୃତ ପ୍ଲାଜମା ସରକାରୀ ନିର୍ଦ୍ଧାରିତ ଦରରେ ଅନୁମତିପ୍ରାପ୍ତ କମ୍ପାନୀକୁ ଯୋଗାଇ ଦିଆଯାଉଛି । ପ୍ଲାଜମାରୁ ଆଲବୁମିନ, ଫାକ୍ଟର-୮, ଫାକ୍ଟର-୯ ପ୍ରସ୍ତୁତ କରାଯାଉଛି । ପ୍ଲାଜମା ପ୍ରତିବଦଳରେ ୟୁନିଟ ପିଛା ରକ୍ତଭଣ୍ଡାରକୁ ୧୬୦୦ ଟଙ୍କା ମିଳୁଛି ।

ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ । କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ । ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ । ଯାହାଦ୍ୱାରା କି ଅନ୍ୟୂନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ । ସ୍ୱେଚ୍ଛାକୃତ ରକ୍ତଦାନଠାରୁ ବଳି ଅନ୍ୟ କିଛି ନାହିଁ । କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ । ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*




# ବ୍ରହ୍ମବରଦା ମହାବିଦ୍ୟାଳୟରେ ବାଲ୍ୟ ବିବାହ ନିଷେଧ ଓ ନିୟନ୍ତ୍ରଣ ସମ୍ପର୍କୀତ ଆଲୋଚନାଚକ୍ର

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବାଲ୍ୟ ବିବାହ ନିଷେଧ ଓ ନିୟନ୍ତ୍ରଣ ଆଇନକୁ ଅଧିକ ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ବାଲ୍ୟ ବିବାହ ସମ୍ପର୍କୀତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ୩୬ ନଂ ଜୋନର ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର,ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରାମର୍ଶଦାତା ତପନ କୁମାର ପଣ୍ଡା ଓ ଆକ୍ସନଏଡ ଜିଲା ସଂଯୋଜକ ସୁରେନ୍ଦ୍ର କୁମାର ଦିଗାଲ ପ୍ରମୁଖ ଯୋଗ ଦେଇ ଶିଶୁର ସୁରକ୍ଷା,ସେମାନଙ୍କ ଥଇଥାନ ଓ କିଶୋରୀ ବାଳିକା ସୁରକ୍ଷାକୁ ଅଧିକ ମଜବୁତ କରିବା ପାଇଁ ଅଦ୍ୱିକା ଅସ୍ପର ବ୍ୟବହାର ଓ ଭୂମିକା ,ବାଲ୍ୟ ବିବାହର କୁପ୍ରଭାବ ଓ କୁପରିଣାମ ଉପରେ ମତବ୍ୟକ୍ତ କରିଥିଲେ ।ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ ଦାଶରଥୀ ପାତ୍ର, ବରିଷ୍ଠ ନାଗରିକ ବିପିନ ବିହାରୀ ଦେଓ, ଶିକ୍ଷାବତ୍ ଆଲାଉଦ୍ଦିନ ଖାଁନ, ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ,ରଶ୍ମିରଞ୍ଜନ ଦାଶ,ଆଇସିଡିଏସ କ୍ଷେତ୍ର ପରିଦର୍ଶୀକା ମୀନାକ୍ଷୀ ଦାସ,ଜିଲା ଶିଶୁ ସୁରକ୍ଷା ୟୁନିଟ୍ର ବିଶ୍ୱନାଥ ଦାସ ପ୍ରମୁଖ ଯୋଗ ଦେଇ ସମ୍ପ୍ରତି ସମାଜରେ ବାଲ୍ୟ ବିବାହର କରୁଣ ପରିଣତି ସମ୍ପର୍କରେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ଛାତ୍ରୀ ସୁମୈୟା ସେଖ୍ ଓ ମୁଜଦଲଫା ସେଖ୍ ବାଲ୍ୟ ବିବାହ କାରଣ ଓ ନିଷେଧ ସମ୍ପର୍କରେ ନିଜନିଜର ମତାମତ ପ୍ରଦାନ କରିଥିବାରୁ ଅନୁଷ୍ଠାନ ପକ୍ଷରୁ ଦୁହିଁଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁ ଅଧିକାର କର୍ମୀ ମଂଟୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଯୋଗ ଦେଇଥିଲେ ।

## ଜଗଦିଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟରେ ଅଗ୍ନିକାଣ୍ଡ

ଜୟପୁର,(ପି.ଏନ): ଜୟପୁର ତାରିଣି ଛକ ଠାରେ ଥିବା ଜଗଦିଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟରେ ଲାଗିଲା ନିଆଁ । ଏହି ଅଗ୍ନିକାଣ୍ଡରେ ବିଦ୍ୟାଳୟ ରେ ଚପରାଶି ତଥା ରାତ୍ର ଜଗୁଆଳିଙ୍କ ଘର ପୋଡି ଯାଇଛି । କିପରି ଅଗ୍ନି କାଣ୍ଡ ଘଟିଲା କିଛି ଜଣା ପଡି ନଥିଲେ ବି ପୁବ ଶତ୍ରୁତାକୁ କେନ୍ଦ୍ର କରି ଏପରି ଘଟଣା ଘଟିଥିବା କୁହାଯାଉଛି । ଅଗ୍ନକାଣ୍ଡରେ ଚପରାଶି ହେମଲତା ଟାକରି ଙ୍କ ଘରର ଆସବା ପତ୍ର ପୋଡି ଯାଇଥିବା ବେଳେ ବିଦ୍ୟାଳୟର କ୍ଲାସ ରୁମରେ ଚେୟାର ଟେବୁଲ ପୋଡି ଯାଇଥିବା ଜଣାଯାଇଛି । ଗତ ୨୦ ୧୦ ୨୨ ତାରିଖରେ ଏହି ଚପରାଶି ଙ୍କ କାର ବିଦ୍ୟାଳୟ ପରିସରରେ ଥିବା ବେଳେ କେହି ଦୁର୍ବୃତ୍ତ କାରକୁ ନିଆ ଲଗାଇ ଦେଇଥିଲେ । ଏହାକୁ ଦେଖିଲେ ବାର ବାର ବିଦ୍ୟାଳୟ ପରିସରରେ ଅଗ୍ନି କାଣ୍ଡ ଘୁଟୁଛି । ହେମ ଲତାଙ୍କ କହିବା ଅନୁଯାଇ ଘର ଖୋଲା ରଖି ସେ ତାଙ୍କ ଝିଅ ଘରକୁ ଯାଇ ବ୍ୟାଙ୍କ କୁ ଯିବାକୁ ବହାରିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଗ୍ନିକାଣ୍ଡ ଘଟିଥିବା ସୁଚନା ଦେଇଥିବାରୁ ସେ ଜାଣିଥିଲେ ।

# ଆମର ସ୍ୱତନ୍ତ୍ର ପରିଚୟ ପତ୍ର, ଏହାର ସଦାସର୍ବଦା ସୁନିଶ୍ଚିତ ଓ ବ୍ୟବହାର ଯୋଗ୍ୟ ରଖିବା ସହିତ ଶତ ପ୍ରତିଶତ ଆଧାର ପଞ୍ଜିକରଣ ନିମନ୍ତେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର,(ପି.ଏନ): ଆଧାରକୁ ସଦା ସର୍ବଦା ସୁନିଶ୍ଚିତ ଓ ବ୍ୟବହାର ଯୋଗ୍ୟ ରଖିବା ସହିତ ଶତ ପ୍ରତିଶତ ଆଧାର ପଞ୍ଜିକରଣ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଧାର ପଞ୍ଜିକରଣ ନିମନ୍ତେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଆଧାର ପରିଚାଳନା କମିଟୀ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ବୈଠକରେ ନିର୍ଦ୍ଦେଶକ,ଟଓଉଇଓ କଲୋନେଲ ପ୍ରଶାନ୍ତ କକର, ଆଧାର ପଞ୍ଜିକରଣ ଓ ତତ ସମ୍ବନ୍ଧୀତ ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋକପାତ କରିବା ସହ ଆଧାର ପଞ୍ଜିକରଣ ଓ ଡେମୋଗ୍ରାଫି / ବାୟୋମେଟ୍ରିକ ଅପଡ୍ରେସନ ବିଷୟରେ ଆଲୋଚନା କରିଥିଲେ କ୍ଷ ଆଧାର ନମ୍ବର ହେଉଛି ପରିଚୟର ପ୍ରମାଣ ଯାହା ଭାରତର ନିବାସୀଙ୍କୁ ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ (ଟଓଉଇଓ) ଦ୍ୱାରା ଜାରି ଏକ ୧୨-ଅଙ୍କ ବିଶିଷ୍ଟ ସ୍ୱତନ୍ତ୍ର ପରିଚୟ ସଂଖ୍ୟା ଓ ନିବାସୀଙ୍କ ପରିଚୟର ପ୍ରମାଣ । ଆଧାର ନିବାସୀଙ୍କୁ ଚିହ୍ନିବା ପାଇଁ ସୂଚନା (ନାମ, ଜନମ ତାରିଖ, ଲିଙ୍ଗ ଏବଂ ଠିକଣା ), ମୁଖ ଫଟୋଗ୍ରାଫ୍, ଆଙ୍ଗୁଠି ଛାପ ଏବଂ ଆଇରିସ୍ ବ୍ୟବାହର କରିଥାଏ । ଏହି ସୂଚନା ଗୁଡିକ ବାଧ୍ୟତାମୂଳକ ରହିଥିବା ବେଳେ ଏହା ସହିତ ନିବାସୀ ଙ୍କ ମୋବାଇଲ୍ ଫୋନ୍ ନମ୍ବରଏବଂ ଇ-ମେଲ ପ୍ରଦାନ କରିବାର ବିକଳ୍ପ ଅଛି । ଆଧାର ସିଷ୍ଟମ ଅଧିବାସୀମାନଙ୍କ ପାଇଁ ସମଗ୍ର ଦେଶରେ ଅଫଲାଇନ୍ / ଅନଲାଇନ୍ ପରିଚୟ ଯାଂଚ୍ ପ୍ରଦାନ କରିଥାଏ । ଥରେ ପଞ୍ଜୀକରଣ କରିବା ପରେ, ଆପଣ ଇଲେକ୍ଟ୍ରୋନିକ୍ ମାଧ୍ୟମ ବ୍ୟବାହର କରି କିମ୍ବା ଅଫଲାଇନ୍ ଯାଂଚ୍ ମାଧ୍ୟମଟର ଆପଣଙ୍କର ପରିଚୟକୁ ଏକାଧିକ ଥର ପ୍ରମାଣିକରଣ ଏବଂ ପ୍ରତିଷ୍ଠା କରିବା ପାଇଁ ଆଧାର ନମ୍ବର ବ୍ୟବହାର କରିପାରିବେ କ୍ଷ ଆଧାର ମାଧ୍ୟମରେ ନିବାସୀ ବିଭିନ୍ନ ସରକାରୀ ଯୋଜନା / କାର୍ଯକ୍ରମର ଲାଭ ଉପଭୋଗ କରିବା ସହ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହଜ ହୋଇଥାଏ କ୍ଷ ପୁନଶ୍ଚ ନିବାସୀ ଏକ ମୋବାଇଲ ଝଓଗ କାର୍ଡ ପାଇବା ସହଜ ହୋଇଥିବା ବେଳେ ବିଭିନ୍ନ ସ୍କୋଲାରସିପ ପ୍ରୋଗ୍ରାମ ପାଇଁ ଆଧାର ପରିଚୟ ଆବଶ୍ୟକ ହୋଇଥାଏ ଏପରିକି ବ୍ୟାଙ୍କ ଦ୍ୱାରା ଋଣ ଆବେଦନର ଶ୍ରୀଘ ପ୍ରକ୍ରିୟାକରଣ ହୋଇପାରେ । ମାତ୍ର ଏହାକୁ ସଦା ସର୍ବଦା ସୁ ନିଶ୍ଚିତ ଓ ବ୍ୟବହାର ଯୋଗ୍ୟ ନିମନ୍ତେ ଆବଶ୍ୟକ ଆଧାର ଅପଡେଟ କରିବା ବାଞ୍ଛନିୟ.,ଏଥି ନିମନ୍ତେ ଯେତେବେଳେ ଶିଶୁଙ୍କୁ ୫ ବର୍ଷ ଏବଂ ପୁଣି ଥରେ ୧୫ ବର୍ଷ ବୟସରେ ପିଲାମାନଙ୍କର ବାୟୋମେଟ୍ରିକ୍ ବିବରଣୀ ଆଧାର ଅପଡେଟ୍ କରାଇବା ଆବଶ୍ୟକ । ପ୍ରତି ୧୦ ବର୍ଷରେ ଥରେ ଡେମୋଗ୍ରାଫି ଓ ବାୟୋଟମଟ୍ରିକ୍ର ଆଧାର ଅପଡେଟ କରାଇବା । ଅର୍ଥାତ ୨୦୧୪ ମସିହା ପୂର୍ବରୁ ଯେଉଂମାନେ ଆଧାର ପଞ୍ଜୀକରଣ କରିଛନ୍ତି ସେମାନେ ରି-ଭେଲିଡେଶନ (Re-validation) ପାଇଁ ଆଧାର ଅପଡେଟ କରିବେ । ଶିଶୁ ତଥା ୫ ବର୍ଷ ଏବଂ ୧୫ ବର୍ଷ ବୟସରେ ପିଲାମାନଙ୍କର ବାଟୟାଟମଟ୍ରିକ୍ ବିବରଣୀ ଆଧାର ଅପଡେଟ୍ କରାଇବାରେ ସାହାଯ୍ୟ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ,ସୋନପୁର ଓ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ସୋନପୁର ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶିଶୁମାନଙ୍କର ଆଧାରକୁ ସୁନିଶ୍ଚିତ କରିବା ନିମନ୍ତେ ଜନ୍ମ ପ୍ରମାଣ ପତ୍ର ଶୀଘ୍ର ପ୍ରଦାନ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଜନସାଧରଙ୍କର ଆଧାର ଅପଡେଟ ସଚେତନ ସୂଚନା ପାଇଁ ଜିଲ୍ଲା ତଥା ତୃଣ ମୂଳ ସ୍ତରରେ ଆୟୋଜିତ ବିଭିନ୍ନ ବୈଠକରେ ଆଲୋଚନା କରିବା, ବେନର,ପୋଷ୍ଟର, ଫେସବୁକ , ଟ୍ୱିଟର , ହ୍ୱାଟ୍ସଅପ ମାଧ୍ୟମରେ ଏହାର ପ୍ରଚାର ପ୍ରସାର କରାଇବା ନିମନ୍ତେ ବୈଠକରେ ଅଧ୍ୟକ୍ଷା ଗୁରୁତ୍ୱାରୋପ କରିଛନ୍ତି କ୍ଷ ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଡି ଏସ ଡବ୍ଲୁ ଓ ରେଣୁବାଳା ଦାଶ, ଡିଇ ଜିଏମ ଗୁପ୍ତେଶ୍ୱର ରଣା, ଜିଲ୍ଲା ପରିଚାଳକ ସହଜ ରଜତ କୁମାର ଚୌହାନ, ଜିଲ୍ଲା ସଂଯୋଜକ ବ୍ଲୁମ୍ ଅଭିନାଶ ପାଣ୍ଡିଆ, ପରିଚାଳକ ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କ କୃଷ୍ଣଚନ୍ଦ୍ର ନାଏକ, ଏସ ବି ଆଇ ସୋନପୁର ସରୋଜ ଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ରହି ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଂଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାଓ୍ୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି। ମୋଟୋର ଗ୍ରେଡ଼ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## କଳାହାଣ୍ଡି ଜିଲ୍ଲାରେ ନିରନ୍ତର ବିକାଶ ଲକ୍ଷ୍ୟ ନେଇ ୨ ଦିନିଆ କର୍ମଶାଳା

ଭବାନୀପାଟଣା, (ପି.ଏନ): କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ (ଡ଼ିପିଏମୟୁ) କଳାହାଣ୍ଡିର ମିଳିତ ଆନୁକୁଲ୍ୟରେ ଓଡିଶାର ନିରନ୍ତର ବିକାଶ ଲକ୍ଷରେ ୨୦୩୦ କାର୍ଯ୍ୟସୂଚିର ରୂପାୟନ ବିଷୟ ବସ୍ତୁ ନେଇ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ପି. ଅନ୍ୱେଷା ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପାଓ୍ୱାର ସଚିନ ପ୍ରକାଶ, ରାଜ୍ୟ ଯୋଜନା ଏବଂ ସଂଯୋଜନା ବିଭାଗର ସହ ନିର୍ଦ୍ଦେଶିକା ଅଳକା ଜେନା, ଡ଼ିପିଏମୟୁ ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ମଂଚାସୀନ ଥିଲେ । ଏହି ଅବସରରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କଳାହାଣ୍ଡି ଜିଲ୍ଲାର ନିରନ୍ତର ବିକାଶ ଲକ୍ଷରେ ୨୦୩୦ କାର୍ଯ୍ୟସୂଚିର ସଫଳ ରୂପାୟନ ପାଇଁ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ମାନଙ୍କର ଭାଗୀଦାରୀ ଏକାନ୍ତ ଆବଶ୍ୟକ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଏଥିସହ ପଂଚାୟତ ସ୍ତରରେ ଗ୍ରାମପଂଚାୟତ ଉନ୍ନୟନ ଯୋଜନା କରିବା ସମୟରେ ନିରନ୍ତର ବିକାଶ ଲକ୍ଷ୍ୟର (ଏସ.ଡ଼ି.ଜି) ୧୭ ଟି ଲକ୍ଷ, ୯ ଟି ବିଷୟ ବସ୍ତୁକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରିବା ପାଇଁ କହିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ତଥା କଳାହାଣ୍ଡି ଜିଲ୍ଲା ଏସଡିଜି ନୋଡାଲ ଅଧିକାରୀ ପାଓ୍ୱାର ସଚିନ ପ୍ରକାଶ ନିରନ୍ତର ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ଏକାଭିମୁଖୀ ହେବା ଏବଂ ସମସ୍ତ ଗ୍ରାମ ପଂଚାୟତର ସାମୁହିକ ବିକାଶର ଗୁରୁତ୍ୱ ଦେବା ପାଇଁ ପ୍ରକାଶ କରିଥିଲେ ।ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ଦେଇଥିଲେ । ଏଥିରେ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଅବସର ପ୍ରାପ୍ତ ପ୍ରଫେସର, ସହକାରୀ ପ୍ରଫେସର, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ (ଡ଼ିପିଏମୟୁ)ର ଅନ୍ୟ ଅଧିକାରୀ, ଏନଜିଓ କର୍ମକର୍ତା, ଏସଡ଼ିଜି ପରାମର୍ଶଦାତା ଡା. ରମେଶ ଚାଲାନ, ଏସ.ଡ଼ି.ଜି କୋଷ କାର୍ଯ୍ୟକ୍ରମ ପରିଚାଳକ, ଭେଙ୍କଟେସ, ଗ୍ରାମ ବିକାଶ କାର୍ଯ୍ୟକ୍ରମ ପରିଚାଳକ ଆଶୁତୋଷ ଭଟଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ରଙ୍କକ୍ଷସ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉଯ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେ୍‌ଟସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡ଼ିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ଦ୍ୱାରା ସମ୍ବିଧାନ ଦିବସ ଓ ସପ୍ତାହ ପାଳନ

ଜୟପୁର,(ପି.ଏନ): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଷ ଅନୁଯାୟୀ କୋରାପୁଟ ଜିଲ୍ଲା ଆଇନ ସେବା ପ୍ରାଧିକରଣ,ଜୟପୁର ଦ୍ୱାରା ସମ୍ବିଧନ ଦିବସ ଓ ସପ୍ତାହ ଗତ ୨୬-୧୧-୨୦୨୨ ଠାରୁ ଆରମ୍ଭ ହୋଇ ଆଜି ୨-୧୨-୨୦୨୨ ତାରିଖରେ ସମାପନ ହୋଇଛି । ଏ ସମ୍ବିଧନ ଦିବସ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ୨୬-୧୨-୨୦୨୨ ଜିଲ୍ଲା କୋର୍ଟ ପରିସରରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ,କୋର୍ଟ ଓ ଆଇନ ସେବା ପ୍ରାଧିକରଣ କର୍ମଚାରୀଙ୍କ ଦ୍ୱାରା ଭାରତୀୟ ସମ୍ବିଧାନ ମୁଖବନ୍ଧ ପଠନ ଓ ସମ୍ବିଧନ ଦିବସର ତତ୍ପର୍ଯ୍ୟ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା ।




# ପୋଷ୍ଟର ଯୁଦ୍ଧ : କଦର୍ଯ୍ୟ ହେଉଛି କାନ୍ଥ ବାଡ଼



**ପୌର** ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳମାନଙ୍କର ପୋଷ୍ଟର ଯୁଦ୍ଧ ଏବେ ସାଧାରଣ ଲୋକଙ୍କର ମୁଣ୍ଡବିନ୍ଧାର କାରଣ ହେଉଛି। ରାତାରାତି ଲୋକଙ୍କ ଘରର ପାଚେରୀ, କାନ୍ଥବାଡ଼ ଆଦିରେ ଏମାନେ ନିଜ ନିଜ ପ୍ରାର୍ଥୀଙ୍କର ପୋଷ୍ଟର ମାରି ତାହାକୁ ରଙ୍ଗ ବେରଙ୍ଗ କରିଦେଉଛନ୍ତି। କେତେକ ସ୍ଥାନରେ ଲୋକେ ବାରଣ କଲେ ବି ତାହାକୁ ମାନୁନାହାନ୍ତି। ସମଗ୍ର ରାଜ୍ୟରେ ଏବେ ଚାଲିଛି ପୌର ନିର୍ବାଚନ। ଭୋଟରମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ମନମତାଣିଆ ଗୀତ ସାଙ୍ଗକୁ ରଙ୍ଗ ବେରଙ୍ଗର ପୋଷ୍ଟର ତିଆରି କରିଛନ୍ତି। ଗୀତ ବାଜୁଥିବା ଗାଡ଼ି ଗୁଡ଼ିକ ବିଭିନ୍ନ ସାହି ଗଳି ବୁଲୁଥିବା ବେଳେ ପୋଷ୍ଟର ଉପରେ କିନ୍ତୁ ପ୍ରାର୍ଥୀମାନେ ଜୋର ଦେଉଛନ୍ତି। ବିଭିନ୍ନ ସ୍ଥାନରେ ଫ୍ଲେକ୍ସ ଟାଣିବା ଅପେକ୍ଷା କାନ୍ଥବାଡ଼, ଗଛ, ବିଦ୍ୟୁତଖୁଣ୍ଟ, ପାଚେରୀ ଆଦିରେ କାଗଜ ପୋଷ୍ଟର ମାରିବା ଉପରେ ଜୋର ଦେଉଛନ୍ତି।

ରାଜ୍ୟର ତିନି ପ୍ରମୁଖ ଦଳ ଏବେ ଲକ୍ଷାଧିକ ପୋଷ୍ଟର ପ୍ରସ୍ତୁତ ସହିତ ତାହାକୁ ଲଗାଇବା ପାଇଁ ଶ୍ରମିକମାନଙ୍କୁ ନିୟୋଜିତ କରି ଦେଉଛନ୍ତି। ପୋଷ୍ଟର ପିଛା ପଇସା ଧାର୍ଯ୍ୟ କରି ଅଠା ଓ ପୋଷ୍ଟର ସେମାନଙ୍କୁ ଧରାଇବା ସହିତ ଇଲାକା ଚିହ୍ନଟ କରିଦେଉଛନ୍ତି। ତେଣୁ ପଇସା ପାଉଥିବା ଏହି ଶ୍ରମିକମାନେ ରାତିବେଳା ପୋଷ୍ଟର ମାରିବାକୁ ଉଚିତ ମଣୁଛନ୍ତି। କାରଣ ଦିନବେଳା ପୋଷ୍ଟର ମାରିଲେ ଅନେକ ସ୍ଥାନରେ ଲୋକେ ତାହାକୁ ବିରୋଧ କରୁଛନ୍ତି। ଯଦି ପୋଷ୍ଟର କମ୍ ମରାହେବ ତେବେ ଶ୍ରମିକମାନେ ଚୁକ୍ତି ମୁତାବକ ପଇସା ପାଇବେ ନାହିଁ। ତେଣୁ ସେମାନେ ଏବେ ବିଳମ୍ବିତ ରାତିରେ ପୋଷ୍ଟରମରା କାର୍ଯ୍ୟ କରୁଛନ୍ତି। ସାଧାରଣ ଲୋକଙ୍କ ଘରର କାନ୍ଥଠାରୁ ଆରମ୍ଭ କରି ଗଛ ଓ ବିଦ୍ୟୁତଖୁଣ୍ଟ କାହାକୁ ଛାଡୁନାହାନ୍ତି। ତେବେ ସବୁଠାରୁ ଅଧିକ ପୋଷ୍ଟର ବ୍ୟବହାର ହେଉଛି ବିଭିନ୍ନ ବସ୍ତି ନିକଟରେ ଥିବା ସରକାରୀ କ୍ୱାର୍ଟସର ପାଚେରୀରେ। ଆର୍ଥିକ ବର୍ଷ ଶେଷ ଯୋଗୁଁ ବିଭିନ୍ନ ସ୍ଥାନରେ ପାଚେରୀଗୁଡ଼ିକ ନୂଆ ରଙ୍ଗ ହୋଇଛି। ହେଲେ ରାତି ପାହିଲା ବେଳକୁ ତାହା ବିଭିନ୍ନ ଦଳର ପୋଷ୍ଟରରେ ରଙ୍ଗେଇ ହୋଇଯାଉଛି।

ଗୋଟିଏ ଦଳ ଯଦି କୌଣସିଠାରେ ପୋଷ୍ଟରଟିଏ ମାରି ଦେଉଛି ତେବେ ଅନ୍ୟ ଦଳମାନେ ସେଠାରେ ପ୍ରତିଯୋଗିତା ଭିତ୍ତିରେ ଅଧିକ ପୋଷ୍ଟର ମାରୁଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ କେତେକ ସ୍ଥାନରେ କାନ୍ଥ ବାଡ଼ ସବୁ ପୋଷ୍ଟର ପଛପଟେ ଲୁଚି ଗଲେଣି। ଲୋକେ ଏହାର ପ୍ରତିବାଦ କଲେ କେହି ଶୁଣିବାକୁ ବି ନାହିଁ। ବିଳମ୍ବିତ ରାତିରେ ପୋଷ୍ଟର ମରାଯାଉଥିବାରୁ ଅଧିକାଂଶ ଏହାକୁ ବିରୋଧ ବି କରିପାରୁନାହାନ୍ତି। ତେଣୁ ଯେଉଁସବୁ ସ୍ଥାନରେ ଏଭଳି ମାଳ ମାଳ ପୋଷ୍ଟର ମାରି କାନ୍ଥବାଡ଼କୁ କଦର୍ଯ୍ୟ କରାଯାଉଛି ଭୋଟ ସରିଲା ପରେ ସେହିସବୁ ପୋଷ୍ଟରକୁ ସଂପୃକ୍ତ ପ୍ରାର୍ଥୀମାନେ କାଢ଼ି ନେବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେବା ଉଚିତ ବୋଲି ମତ ପ୍ରକାଶ ପାଉଛି। ତେବେ ଯେଉଁଭଳି ଭାବେ ଅଠା ଦ୍ୱାରା କାଗଜ ପୋଷ୍ଟରକୁ କାନ୍ଥରେ ଲଗାଯାଉଛି ବର୍ଷାଋତୁ ପୂର୍ବରୁ ତାହା ସହଜରେ ଛାଡ଼ିବ ନାହିଁ ବୋଲି ଅନେକ ମତ ଦେଉଛନ୍ତି।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,
E-mail : badal009bhuyan@gmail.com

# ଶୁଦ୍ଧାନନ୍ଦ କଲେଜରେ ମହିଳା ଦିବସ ପାଳିତ



ଫୁଲନଖରା (ପିଏନ୍)-ସ୍ଥାନୀୟ ଶୁଦ୍ଧାନନ୍ଦ କଲେଜରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ କଲେଜ ସଭାଗୃହରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପ୍ରୋଗ୍ରାମ ଅଫିସର ଡ଼ଃ.ନିବେଦିତା ଆଚାର୍ଯ୍ୟ ମୁଖ୍ୟ ଅତିଥିରୂପେ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରଥମେ ପୁରୁଷମାନେ ଅବଗତ ହେବା ଦରକାରବୋଲି ମତପୋଷଣ କରିଥିଲେ। ଜଣେ ମହିଳା ଚାହିଁଲେ ଯେ କୌଣସି ଅସାଧ୍ୟକୁ ସମ୍ମୁଖୀନ ହେବାକୁ ସମର୍ଥବୋଲି ସେ ତାଙ୍କ ଅଭିଭାଷଣରେ ବର୍ଣ୍ଣନା କରିଥିଲେ। କଟକ ପୁଲିସ ମହିଳା ଓ ଶିଶୁ ଡେସ୍କ ଆଇଆଇସି ଟେରେସ୍କୋଭା ମହାପାତ୍ର ମୁଖ୍ୟ ବକ୍ତାଭାବେ ମଞ୍ଚାସୀନ ହୋଇ ନାରୀଙ୍କୁ ସେମାନଙ୍କ ହକ ଓ ସମ୍ମାନ ଯେ ପର୍ଯ୍ୟନ୍ତ ଉପଯୁକ୍ତଭାବେ ନମିଳିଛି ସେ ପର୍ଯ୍ୟନ୍ତ ଏକ ସୁସ୍ଥ ସମାଜ ସ୍ୱପ୍ନ ଅପୂରଣୀୟ ହୋଇ ରହିବବୋଲି କହିଥିଲେ। ଡିନ ପ୍ରଫେସର ରଂଜନକୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ପରିଚାଳନା ନିର୍ଦ୍ଦେଶକ ଇଂ.ସୁନିଲକୁମାର ପଟ୍ଟନାୟକ ଉଦଘାଟକଭାବେ ଯୋଗଦେଇ ନାରୀ ଓ ପୁରୁଷ ସମାନ ଏବଂ ଏ ଜାତିର ଐତିହ୍ୟ ଓ ପରମ୍ପରା ଅକ୍ଷୁଣ୍ଣ ରଖି ଆଗକୁ ଅଗ୍ରସର ହେବାକୁ ସେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିଗଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ଼ଃ.ଅନିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସ୍ୱସ୍ତିକା ପ୍ରିୟଦର୍ଶିନୀ, ଜୟଶ୍ରୀ ଭୋଇ, ଶ୍ରଦ୍ଧାଳି ଦାଶ, ତପସ୍ୱିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ସରିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନମନ୍ତ୍ରୀ ଜନଔଷଧି ସପ୍ତାହ ପାଳିତ




ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ଜନଔଷଧି ସପ୍ତାହ ପାଳନ କରାଯାଉଥିବା ଅବସରରେ ଚଳିତ ବର୍ଷ ଭୁବନେଶ୍ୱର ପୋଖରୀପୁଟ ଓ ପାଣ୍ଡରାଠାରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରରେ ଏହି ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଧାରଣ ଲୋକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଔଷଧ ବଣ୍ଟନ, ମାସ୍କ, ସାନିଟାରୀ ବୋତଲ ତଥା ମହିଳାମାନଙ୍କୁ ସାନିଟାରୀ ନାପକିନ ପ୍ରଦାନ କରାଯାଇଥିଲା। ଏହା ସହିତ ଇଚ୍ଛୁକ ବ୍ୟକ୍ତିମାନଙ୍କ ରକ୍ତଚାପ, ରକ୍ତସର୍କରା, ଶରୀରରେ ଅମ୍ଳଜାନ ସ୍ତର, ମାପିବାର ନିଃଶୁଳ୍କ ବ୍ୟବସ୍ଥା ଉକ୍ତ ସଂଗଠନ ପକ୍ଷରୁ ସଫଳ ଭାବେ ଆୟୋଜିତ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଉଚ୍ଚ ଶିକ୍ଷିତା ତଥା ସାରସ୍ୱତ ପ୍ରତିଭାର ଅଧିକାରିଣୀ ଯୁବ ଉଦ୍ୟୋଗୀ ଅର୍ଚ୍ଚନା ଏବଂ ଯୁବ ଯନ୍ତ୍ରୀ ପାର୍ଥସାରଥୀ ପୂର୍ବରୁ ବହୁ ଜନକଲ୍ୟାଣ ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ମାନ ଆୟୋଜିତ କରିଆସୁଛନ୍ତି। ପରିବେଶ ସଚେତନତା ଓ ଜଳବାୟୁ ପରିବର୍ତ୍ତନରେ ମନୁଷ୍ୟ ଶରୀରର ପ୍ରଭାବ ଏବଂ ତା'ର ପ୍ରତିକାର ସମ୍ବନ୍ଧରେ ଶିବିର ମାନ ଆୟୋଜନ କରିବା ସହ ବ୍ୟାପକ ବୃକ୍ଷରୋପଣ କରାଯିବ ବୋଲି ପ୍ରମୁଖ ଆୟୋଜକ ଓ ସଂଯୋଜକ ପାର୍ଥସାରଥୀ ସୂଚନା ପ୍ରଦାନ କରିଥିଲେ।

# ଯୁଦ୍ଧ ଚାହୁଁନା ଶାନ୍ତି ଚାହୁଁ – ଜିଲ୍ଲା ବିକାଶ ସାମ୍ମୁଖ୍ୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ସାଂପ୍ରତିକ ଋଷ ଏବଂ ୟୁକ୍ରେନ୍ ଯୁଦ୍ଧର ଭୟାବହତା ଓ ସମଗ୍ର ବିଶ୍ୱ ଉପରେ ଏହାର ପ୍ରଭାବ ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନାଟୋ, ଶିଆଟୋ, ଫ୍ଲାଟୋ ଏବଂ ୱାରସପ୍ୟାକ ଭଳି ସାମରିକ ସଂଗଠନ ମାଧ୍ୟମରେ ଶୀତଳଯୁଦ୍ଧ ଚାଲୁ ରହିଥିଲା। ଭାରତ ଗୋଷ୍ଠି ନିରପେକ୍ଷ ନୀତି ଅବଲମ୍ବନ କରି ଉଭୟ ସାମରିକ ଶକ୍ତିଠାରୁ ଦୂରତ୍ୱ ରକ୍ଷା କରି ଚାଲିଛି। ୟୁକ୍ରେନ୍ ନାଟୋର ସଦସ୍ୟତା ଗ୍ରହଣକୁ ବିରୋଧ କରି ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ କଲେ। ଯୁଦ୍ଧର ୧୫ ଦିନ ପରେ ନାଟୋ ଶକ୍ତି ବାହାରୁ ଦେଖଣାହାରୀ ସାଜି କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଫଳରେ ପୁଟିନ୍ ୟୁକ୍ରେନକୁ ନାଟୋ ଶକ୍ତିର ପରିସରଭୁକ୍ତ ନ ହେବା ପାଇଁ ଯୁଦ୍ଧ ଚାଲୁ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱର କୋଣ ଅନୁକୋଣରୁ ଯୁଦ୍ଧର ଅବସାନ ପାଇଁ ଚାପ ପ୍ରୟୋଗ ହେଉଛି। ଏହି ଆଲୋଚନାଚକ୍ରରେ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ବୈଷ୍ଣବ ଚରଣ ସ୍ୱାଇଁ, ଭାଗିରଥି ଜେନା, ଅମୀୟ କୁମାର ନାୟକ, ନେତ୍ରାନନ୍ଦ କର, ଶ୍ରୀନିବାସ ପରିଡା, ମଧୁସୁଦନ ରାଉତ, ମଧୁସୁଦନ ବାରିକ, ବସନ୍ତ ସାହୁ ଓ ସୁରେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରି ତୁରନ୍ତ ଯୁଦ୍ଧ ବିରତି ଘୋଷଣା କରି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ନିବେଦନ କରିଛନ୍ତି।

# ଭୟାନକ ଯକ୍ଷ୍ମା ଓ ଯକୃତ୍ ସଂକ୍ରମଣ



**୧**୮୮୨ ମସିହା। ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ। ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ। ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡାଃ ରବର୍ଟ କୋକ୍। ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଳିବା ପାଇଁ। ବାସ୍, ତା'ପରେ ଡାଃ କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ। ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ। ଏହି ବ୍ୟାକ୍ଟେରିଆକୁ ଡାଃ କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ। ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା। ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ। ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ। ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି। କେତେକ ଜାଣିପାରିଲେ ମଧ୍ୟ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ। ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ। ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ। ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡାଃ କୋକ୍‌ଙ୍କୁ। ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା। ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ ହେଲେ ମଧ୍ୟ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା। ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର। ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ। ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ। ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି। ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ୍ୟ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି। ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳପୋଟନ ମଧ୍ୟ ହୋଇପାରୁଛି। ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ। ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ। ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ। ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ। ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ। ଏହି ସବୁ ରୋଗକୁ ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା। ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି। ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ। ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ। ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ୍ୟ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍। ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ। ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ। ମଲ୍ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀ ମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ। ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳପ୍ତୋଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା।





**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# କୃଷ୍ଣଦାସପୁରରେ ତ୍ରିଦିବସୀୟ ବାଦିପାଲା

ଭୁବନେଶ୍ୱର (ପିଏନ୍): ଆଧୁନିକତାର ପ୍ରଭାବ ହେଉ କିମ୍ବା ଓଡିଶା ଲୋକଙ୍କ ଅବହେଳା କାରଣରୁ ଓଡିଆ ପାଲା ସଂସ୍କୃତି ଲୋପ ହେବାକୁ ବସିଛି। ଏଭଳି ସମୟରେ ଏହାର ପୁନରୁଦ୍ଧାର ପ୍ରତ୍ୟେକ ଓଡିଆଙ୍କର କର୍ତ୍ତବ୍ୟ ବୋଲି କୃଷ୍ଣଦାସପୁର ଗ୍ରାମ ପଞ୍ଚାୟତର ମୁରବୀମାନେ କହିଛନ୍ତି। ବାଲୁଙ୍କେଶ୍ୱର ଜାଗରଯାତ୍ରା କମିଟି ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ବାଦିପାଲାରେ ଗାୟକ ଭାବେ ମାଳିକା ସମ୍ରାଟ ନେତ୍ରାନନ୍ଦ ଦାସ (ଛତିଆବଟ), ରସ ସାଗର କୁଳମଣି ପଣ୍ଡା (ବିଡାନାସୀ, କଟକ) ଯୋଗଦେଇ ମାଳିକା ଉପରେ ପାଲା ପରିବେଷଣ କରିଥିଲେ। କଳିଯୁଗରେ ଲୋକ କିଭଳି ଅତ୍ୟାଚାରୀ ହେଉଛି ଏବଂ ନିଜ ନିଜର କର୍ତ୍ତବ୍ୟକୁ ଭୁଲିଯିବେ ତାହା ବହୁପୂର୍ବରୁ ମହାପୁରୁଷ ଅଚ୍ୟୁତାନନ୍ଦ, ହାଡିଦାସ ଓ ଯଶବନ୍ତ ଲେଖିଯାଇଛନ୍ତି। ତାହାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇ ସମସ୍ତଙ୍କୁ ସତର୍କ ରହିବାକୁ ମାଳିକାରେ ବର୍ଣ୍ଣିତ ରହିଛି। ହଜାର ହଜାର ଶ୍ରୋତାଙ୍କ ଗହଣରେ ଦୁଇ ପାଲା ଗାୟକ ମାଳିକାକୁ ନେଇ ପାଲା ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୃଷ୍ଣଦାସପୁରରେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଆରମ୍ଭ କରିଥିଲେ ସ୍ୱର୍ଗତଃ କୈଳାସ ଚନ୍ଦ୍ର ରଥ ଏବଂ ସ୍ୱର୍ଗତଃ ସରୋଜ ବେହେରା। ପରବର୍ତ୍ତୀ ସମୟରେ ସେମାନଙ୍କ ଦାୟାଦ କଳିଙ୍ଗ କେଶରୀ ରଥ ଏବଂ ବିଧାନ ମନୋହର ଏହାର ଆୟୋଜନ ଦାୟିତ୍ୱ ବୁଝୁଛନ୍ତି। ଚଳିତବର୍ଷ କମିଟି ପକ୍ଷରୁ କରୁଣାକର ଗୋଚ୍ଛାୟତ, ସରୋଜ କମାର ପଣ୍ଡା, ବୃନ୍ଦାବନ ସାମଲ, ଅନାମ ଚରଣ ନନ୍ଦ, ଚିତ୍ତରଂଜନ ସ୍ୱାଇଁ ଏବଂ ହାଡିବନ୍ଧୁ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଶ୍ରୀଶ୍ରୀ ଗୋପୀନାଥ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ନିଆଳି (ପିଏନ୍)-ନରିଶୋ ଗ୍ରାମର ଅରାଧ୍ୟ ଦେବତା ଶ୍ରୀଶ୍ରୀଗୋପୀନାଥ ଦେବଙ୍କ ନୂତନ ମନ୍ଦିର ଓ ପାର୍ଶ୍ୱଦେବତା ପ୍ରତିଷ୍ଠା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇଛି। ଅଧିବାସ ଧାନ୍ୟାଧିବାସ କଳସ ଯାତ୍ରା ଘଟ ସ୍ଥାପନ, ଅଗ୍ନି ସ୍ଥାପନ ଦେବତା ଆବାହନ ନ୍ୟାସ ସୂର୍ଯ୍ୟପୂଜା ଧେନୁପୂଜା ଦେବତାଙ୍କ ଗ୍ରାମ ପରିକ୍ରମା, ବାସ୍ତୁହୋମ ପତାକା ସ୍ଥାପନ ଦେବତାଙ୍କ ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟ ଯଥାରିତିରେ କରାଯାଇଛି। ଗ୍ରାମବାସୀ ଙ୍କ ପୂର୍ଣ୍ଣ ସହଯୋଗରେ ସମସ୍ତକାର୍ଯ୍ୟ ଯଥାରିତିରେ କରାଯାଇଛି। ଶେଷ ଦିବସ ସଂନ୍ଧ୍ୟାରେ ଅନୁସୟା ନାଥ, ରବିନ୍ଦ୍ର କୁମାର ମହାପାତ୍ର ଓ ଦୁଃଖିଶ୍ୟାମ ତ୍ରିପାଠୀ ଆଦି ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଛି। ରବିବାରଠାରୁ ବୁଧବାର ପର୍ଯ୍ୟନ୍ତ ଚାରିଦିନଧରି ଗ୍ରାମରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କୁଣ୍ଡେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଚମ୍ପୁଆ, (ପି.ଏନ): ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କେନ୍ଦୁଝର ଜିଲ୍ଲାର ଘଟଗାଁ ବ୍ଲକ ଅନ୍ତର୍ଗତ ଅଟେଇ ଜଙ୍ଗଲ ସୀମାନ୍ତରେ ଅବସ୍ଥିତ କୁଣ୍ଡାପିଠା ଗ୍ରାମର ପଶ୍ଚିମ ପାର୍ଶ୍ୱରେ ଥିବା କୁକୁରକଟା ନଦୀର ଗଦଗଦି ଘାଟରେ ନିର୍ମାଣ ହୋଇଥିବା କୁଣ୍ଡେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆସନ୍ତାକାଲି ଠାରୁ ଛଅ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଅଛି। ଏଠାରେ ସୂଚନାଯୋଗ୍ୟ ଯେ ଉକ୍ତ କୁଣ୍ଡେଶ୍ୱର ମନ୍ଦିରର ପ୍ରତିଷ୍ଠାତା ହେଉଛନ୍ତି କୁଣ୍ଡାପିଠା ଗ୍ରାମର ଯୁବ ସମାଜସେବୀ ତଥା ରାଧାକୃଷ୍ଣ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ବିଜୟ କୁମାର ପଲେଇ। ବିଗତ ୨୦୦୩ ମସିହାରେ କୁକୁରକଟା ନଦୀର ଗଦଗଦି ଘାଟରେ ଗାଧୋଉଥିବା ସମୟରେ ହଠାତ୍ ଏକ ଶିବ ମନ୍ଦିର ତୋଳିବା ପାଇଁ ତାଙ୍କ ମନକୁ ଉଭଟ ଚିନ୍ତାଧାରା ଆସିଥିଲା।ସାଥୀ ପିଲାମାନଙ୍କ ଟାହିଟାପରାକୁ ଭୃକ୍ଷେପ ନକରି, ଲୋକମାନଙ୍କ ତାଚ୍ଛଲ୍ୟକୁ ପିଠିରେ ପକାଇ , ବହୁ ବାଧାବିଘ୍ନକୁ ଆଡେଇ ମନ୍ଦିର ତୋଳିବାର ଦୁର୍ବାର ଆଶାକୁ ସାକାର କରିବା ନିମନ୍ତେ ୨୦୦୫ ମସିହାରେ ତିନି ଗ୍ରାମ କୁଣ୍ଡାପିଠା ପାଣୁପଷି ଓ ମହୁଲଡିହା, ତିନି ଗ୍ରାମ ପଂଚାୟତ ବଡଜାମୁପଶି ମଶିଣାବିଲା ଓ ଚିନାବାଳିପଶି, ତିନି ନଦୀ କୁକୁରକଟା ସୀତା ଓ ଯାମୁନାଳିଆ ର ମିଳନ ସ୍ଥଳରେ ତିନି ଗ୍ରାମର ଶୈବ ଭକ୍ତ ମାନଙ୍କୁ ଏକତ୍ରିତ କରି ସେମାନଙ୍କ ସାହାଯ୍ୟ ସହଯୋଗ ତଥା ନିଜର ଚେଷ୍ଟା ବଳରେ ଶିବ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କଲେ। ପୁନଶ୍ଚ ଲୋକ ମାନଙ୍କ ମଧ୍ୟରେ ଧର୍ମୀୟ ଭାବନା ଜାଗ୍ରତ କରିବା ପାଇଁ ସେଠାରେ ଥିବା ଏକ ବୃକ୍ଷ ( ଯାହାକି ତିନୋଟି ଗଛ ଅଶ୍ୱତ୍ଥ,ବର ଓ ନାର୍ଗୁଣୀର ସମାହାର କିନ୍ତୁ ମୂଳ ଏକ ) ମୂଳେ ପ୍ରତିଷ୍ଠା କଲେ ତିନି ଠାକୁର ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱର ଙ୍କ ବିଗ୍ରହ। ବୃକ୍ଷ ଟିର ନାମ ଦିଆଗଲା ବଟବୃକ୍ଷ ବା କଳ୍ପବଟ। ତତ୍ ସହିତ ଉକ୍ତ ସ୍ଥାନରେ ପ୍ରତି ବର୍ଷ ମକର ସଂକ୍ରାନ୍ତି ଦିନରୁ ସପ୍ତାହ ବ୍ୟାପୀ ମକର ମେଳା ମହୋତ୍ସବ ଅନୁଷ୍ଠିତ କରାଇଥିଲେ ।ଲୋକମାନଙ୍କ ଠାରୁ ବିଭିନ୍ନ ପ୍ରକାର ସାହାଯ୍ୟ ନେଇ ମନ୍ଦିରର ପ୍ରାରମ୍ଭିକ ଛାତ ସିନା ପକାଇଦେଲେ କିନ୍ତୁ ଛାତ ଉପରର ମନ୍ଦିର ଚୂଳ ମାରିପାରିଲେ ନାହିଁ। ଏମିତି ପାଂଚ/ ସାତ ବର୍ଷ କଟିଗଲା। ମକର ମେଳା ମଧ୍ୟ ଧୀରେ ଧୀରେ କମିବାକୁ ଲାଗିଲା। ଏପରି ଅବସ୍ଥା ଦେଖି ଉକ୍ତ ଗ୍ରାମର ସୁପରିଚିତଆଉ ଜଣେ ଯୁବବନ୍ଧୁ, ସାହିତ୍ୟିକ, ସଂଗଠକ ତଥା ରାଧାକୃଷ୍ଣ ବିଦ୍ୟାପୀଠର ସହକାରୀ ଶିକ୍ଷକ ବାବୁଲାଲ ପଲେଇ ମନ୍ଦିର ଚୂଳ ମାରିବା ପାଇଁ ଆଗେଇ ଆସି ଚୂଳମରା କାର୍ଯ୍ୟ ଶେଷ କରିବା ସହ ମକର ମେଳା ମହୋତ୍ସବ କୁ ପୁନର୍ବାର ଉଜ୍ଜୀବିତ କରାଇ ପାରିଥିଲେ । ପରେ ପରେ ମନ୍ଦିରର ଅନ୍ୟାନ୍ୟ କାମ ଶେଷ କରି ଆସନ୍ତାକାଲି ଠାରୁ ଚାରି ଦିନ ଧରି ପ୍ରତିଷ୍ଠା ଉତ୍ସବ କରିବା ପାଇଁ ମନ୍ଦିରର ପ୍ରତିଷ୍ଠାତା ବିଜୟ କୁମାର ପଲେଇ ପ୍ରସ୍ତୁତ ହୋଇଛନ୍ତି। ମନ୍ଦିର ନିର୍ମାଣ କରିବାରେ ମୁଖ୍ୟ ଶିଳ୍ପୀ ହେଉଛନ୍ତି ପାଣୁପଷି ଗ୍ରାମର ଶିଳ୍ପୀ କାହ୍ନୁଚରଣ ନାଏକ।ଏତଦ୍ ବ୍ୟତୀତ ଦେହାନ୍ତ ତାଙ୍କ ବଡପୁଅ ଅମରଜିତ୍ ପଲେଇ ଙ୍କ ନାମରେ ଅମରଜିତ୍ ସେବା ଟ୍ରଷ୍ଟ ଗଠନ କରି ପ୍ରତି ବର୍ଷ ସେହି ନଦୀ ଉପରେ ଖରାଦିନିଆ ଅସ୍ଥାୟୀ ପୋଲ ନିର୍ମାଣ କରି ବାଣିଜ୍ୟ କେନ୍ଦ୍ର ଡେଙ୍ଗିକୋଟ ସହ ଯୋଗାଯୋଗ ବ୍ୟବସ୍ଥା କରିବା ସହ ବିଭିନ୍ନ ସେବା କାର୍ଯ୍ୟ ଜାରି ରଖିଛନ୍ତି। କହିବାକୁ ଗଲେ ମାଟି ମାଆର ମମତା ଯା' ହୃଦେ ଜାଗ୍ରତ ହୁଏ, ତା ପାଇଁ ଅର୍ଥ, ସାମାଜିକ ପ୍ରତିବନ୍ଧକ ନଗଣ୍ୟ ହୋଇଥାଏ। ବର୍ତ୍ତମାନ ଯୁବ ସମାଜ ଏକଥା କୁ ମର୍ମେ ମର୍ମେଅନୁଭବ କରିବା ସହିତ ଆତ୍ମସମୀକ୍ଷା କରିବା ନିତ୍ୟାନ୍ତ ଆବଶ୍ୟକ ହୋଇପଡିଛି।

## ସିନାପାଲି ଉଚ୍ଚ ବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

ନୂଆପଡ଼ା,(ପି.ଏନ): ସମ୍ବିଧାନ ସପ୍ତାହ ପାଳନ ଅବସରରେ ଏକ ସଚେତନତା ସଭା ଶୁକ୍ରବାର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ଅତିଥି ରୂପେ ଜେଏମଏଫସି ବିଚାରପତି ତଥା ତାଲୁକ କମିଟିର ଅଧ୍ୟକ୍ଷା ଅଞ୍ଜୁ ସାହୁ ଯୋଗ ଦେଇ ସମ୍ବିଧାନର ରୂପରେଖ ସଂପର୍କରେ ଅବଗତ କରିଥିଲେ । ସେହିପରି ସମ୍ମାନିତ ଅତିଥି ରୂପେ ଆଇନଜୀବୀ ସଞ୍ଜୟ ବେହେରା, କୁଞ୍ଜ ବିହାରୀ ଯୋଷୀ, ପୋଲିସ ଏଏସଆଇ ପ୍ରଭାକର ପ୍ରମୁଖ ଯୋଗଦେଇ ଭାରତୀୟ ସମ୍ବିଧାନର ମହତ୍ୱ ସଂପର୍କରେ ବିଶଦ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଶିକ୍ଷକ କମଳଜିତ ବୈକାର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଶେଷରେ ଯୁବ ଆଇନଜୀବୀ ନୀଳାଞ୍ଚଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରଶସ୍ତି ପତ୍ର ପ୍ରଦାନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ଆଇନଜୀବୀ ଜ୍ୟୋତିପ୍ରକାଶ ମେହେରଙ୍କ ସହ ଜେଏମଏଫସି ଓ ପୋଲିସ ବିଭାଗ କର୍ମଚାରୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## କଳାହାଣ୍ଡି ଜିଲ୍ଲା ରିଜର୍ଭ ପୋଲିସ ପଡିଆ ରେ ଭିନ୍ନ କ୍ଷମ ଅନ୍ଧ ମାନଙ୍କ ଏକ ଦିବସୀୟ କ୍ରିକେଟ ମ୍ୟାଚ

ଭବାନୀପାଟଣା,(ପି.ଏନ): ବିଶ୍ୱ ଭିନ୍ନ କ୍ଷମ ଦିବସ ଉପଲକ୍ଷେ ସମର୍ଥ ଦୃଷ୍ଟି ହୀନ ସଂଘ କଳାହାଣ୍ଡି (ଘୋଟିଆ )ତରଫ ରୁ ଏକ ଦିବାସୀୟ କ୍ରିକେଟ ମ୍ୟାଚ ଜିଲ୍ଲା ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ ହୋଇଥିଲା ।

## ସମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଯାଜପୁର ଏସପିଙ୍କୁ ଜିଲ୍ଲା ସମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

କୋରେଇ,(ପି.ଏନ): ପଦ୍ମପୁର ପାଇକମାଳ ଠାରେ ନନ୍ଦିଘୋଷ ଟିଭିର କର୍ତ୍ତବ୍ୟରତ ସାମ୍ବାଦିକ ଦେବହରି ବେହେରାଙ୍କୁ ଥାନା ପରିସରରେ ଭାଜପା କର୍ମୀଙ୍କ ଆକ୍ରମଣ ଘଟଣାକୁ ଚାରିଆଡୁ ନିନ୍ଦା କରାଯାଉଥିବା ବେଳେ ଏ ବିଷୟରେ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ଆଜି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦ୍ୟେଶରେ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପାଣିକୋଇଲି କାର୍ଯ୍ୟାଳୟ ଠାରେ ରାଜ୍ୟ ସାମ୍ବାଦିକ ସଂଘ ଅନୁବନ୍ଧିତ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ଦାବି ପତ୍ର ପ୍ରଦାନ ଏବଂ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ମାନଙ୍କୁ କେମିତି ସୁରକ୍ଷା ମିଳିବ ତାହା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସାମ୍ବାଦିକ ସଂଘର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ସାମ୍ବାଦିକ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ । ଏନେଇ ଜିଲ୍ଲା ସଭାପତି ସୁବାସ ଧଳ ସାମ୍ବାଦିକ ଆକ୍ରମଣ ଘଟଣାକୁ ନିନ୍ଦା କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଏସପିଙ୍କୁ ଜଣାଇଛନ୍ତି । ଜିଲ୍ଲା ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥି, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଉଦୟନାଥ ଖଣ୍ଡାଇ, ଜାତୀୟ ପରିଷଦ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଚିନ୍ତାମଣି ପାଢୀ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ତରୁଣ ନନ୍ଦ, ଶୋଭିନ ପରିଡା, ରୁଦ୍ର ପ୍ରତାପ ପାଢୀ, ମହେନ୍ଦ୍ର କୁମାର ଦାସ, ତାରିଣୀ ପଟ୍ଟନାୟକ ସମେତ ବହୁ ସାମ୍ବାଦିକ ଯୋଗ ଦେଇଥିଲେ।

## ସିଓବି ମାଛକୁଣ୍ଡରେ ସିଭିକ୍ ଆକ୍ସନ୍ ପ୍ରୋଗ୍ରାମ୍ ର ଆୟଜନ

ଜୟପୁର,(ପି.ଏନ): ଶ୍ରୀ ମଦନ ଲାଲ, ଡିଆଇଜି, କୋରାପୁଟ, ଶ୍ରୀ ଟି ଏନ୍ ଏସ୍ ରେଡ୍ଡି, କମାଡାଂଟ୬୫ ବିଏନ୍‌ଟିଏସ୍‌ଏଫ୍ ଏବଂ ଶ୍ରୀ ରାଜୀବ ରଂଜନ, ଡିସି (ଜି) କୋରାପୁଟ, କୋରାପୁଟ ଜିଲ୍ଲାର ଲାମଟାପୁଟ ବ୍ଲକର ମାଛକୁଣ୍ଡ ପରିଦର୍ଶନ କରିଛନ୍ତି। ଡିଆଇଜି ଏହି ଅଂଚଳର ବାମପନ୍ଥୀ ୱିଙ୍ଗ୍ ର ଚରମ ପରିସ୍ଥିତି ଏବଂ ସୁରକ୍ଷା ବାହିନୀର ପ୍ରତିକୂଳ ପରିସ୍ଥିତି ଉପରେ ନଜର ରଖିଥିଲେ। ଓଡିଶା-ଆନ୍ଧ୍ରପ୍ରଦେଶ ସୀମାବର୍ତୀ ଅଂଚଳରେ ସୁରକ୍ଷା ବାହିନୀର ରଣନୀତିକ ତଥା ସାମରିକ ନିୟୋଜନ ଏବଂ ଦୂରଦୂରାନ୍ତର ବିକାଶ ଉପରେ ମୁଖ୍ୟ ଧ୍ୟାନ ଦିଆଯାଇଥିଲା।ଆହୁରି ମଧ୍ୟ, ଉଓଏ ଉପସ୍ଥିତିରେ,ସିଓବି ମାଛକୁଣ୍ଡଠାରେ ଏକ ସିଭିକ୍ ଆକ୍ସନ୍ ପ୍ରୋଗ୍ରାମ୍, ଡଗ୍ ଶୋ ଏବଂ ଏକ ମେଡିକାଲ୍ କ୍ୟାମ୍ପ ଆୟୋଜିତ ହୋଇଥିଲା । ବାଡିଗୁଡା, ସିକ୍ରେଲ, ମନ୍ତ୍ରୀପୁଟ, ଜୟନ୍ତଗିରି, ବାଡିପୁଟ, ପୂଜାମ, ନୂଆଗାଉଁ ଏବଂ ନୂଆଗୁଡାର ୬୦୦ ଗ୍ରାମବାସୀଙ୍କୁ ପୋଷାକ ସାମଗ୍ରୀ, ବାସନ, କ୍ରୀଡା ସାମଗ୍ରୀ ବଂଟନ କରାଯାଇଥିଲା। ସ୍ଥାନୀୟ ବିଦ୍ୟାଳୟର ୨୫୦ ଛାତ୍ରଛାତ୍ରୀମାନଙ୍କୁ ଷ୍ଟେସନାରୀ ଆଇଟମ୍ ଯୋଗାଇ ଦିଆଯାଇଥିଲା । ଗ୍ରାମବାସୀ ମଧ୍ୟ ସ୍ୱାସ୍ଥ୍ୟ ଯାଂଚ କରିଥିଲେ ଏବଂ ଆଶା କିରଣ ଡାକ୍ତରଖାନାର ଡାକ୍ତର ସ୍ପନ୍ଦନା କୁମାରୀଙ୍କ ତତ୍ତ୍ୱବଧାନରେ ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ସମାଜର ବଂଚିତ ବର୍ଗର ବିଭାଗ ସହିତ ଯୋଡିହେବା ଲକ୍ଷ୍ୟରେ ଏହି କାର ?ୟ୍ୟକ୍ରମ ଆୟୋଜିତ ହୋଇଥିଲା ।ଡିଆଇଜି ସମ୍ବୋଧନ କରି କହିଛନ୍ତି ଯେ, ଏକକାଳୀନ ଈଙ୍ଗର ଲୋକ କଲ୍ୟାଣମୂଳକ କାର୍ଯ୍ୟକଳାପ ଜାରି ରଖିବ ଯେପରିକି ଜନସମ୍ପର୍କ କାର୍ଯ୍ୟକ୍ରମ, ମେଡିକାଲ୍ କ୍ୟାମ୍ପ, କ୍ରୀଡା କାର୍ଯ୍ୟକଳାପ ଇତ୍ୟାଦି । ଯାହାକି ସ୍ଥାନୀୟ ଲୋକ ଏବଂ ବିଏସ୍‌ଏଫ୍ ମଧ୍ୟରେ ଏହି ସମ୍ପର୍କକୁ ଦୃଢ଼ କରିବା ପାଇଁ ନିଶ୍ଚିତ ଭାବରେ ଏକ ଦୀର୍ଘ ରାସ୍ତା ଯିବ । ଏହିପରି କାର୍ଯ୍ୟକ୍ରମ ସ୍ଥାନୀୟ ଜନସାଧାରଣଙ୍କ ତତକ୍ଷଣାତ୍ ଆବଶ୍ୟକତାକୁ ସମାଧାନ କରିଥାଏ ଏବଂ ସାଧାରଣ ପ୍ଲାଟଫର୍ମରେ ଯୋଗାଯୋଗ କରିବାର ଏକ ସୁଯୋଗ ମଧ୍ୟ ପ୍ରଦାନ କରିଥାଏ ।

## ଏବିଭିପି କଳାହାଣ୍ଡି ତରଫରୁ ଏ୨୦ ରେ ଭାରତର ସଭାପତିତ୍ୱକୁ ସ୍ୱାଗତ

ଭବାନୀପାଟଣା,(ପି.ଏନ): ଏ୨୦ ୨୦୨୩ ର ସଭାପତିତ୍ୱ ଭାରତକୁ ମିଳିଛି । ତେଣୁ ଏହି ପରିପେକ୍ଷୀରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଳାହାଣ୍ଡି ତରଫରୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ସ୍ୱାଗତ ସଭା ଆୟୋଜନ ହୋଇ ଯାଇଛି । ଏହି ସଭାରେ ବିଶ୍ୱବିଦ୍ୟାଳୟ ଓ ଭବାନୀପାଟଣା ନଗର ସ୍ଥିତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଭାରତର ଏ୨୦ ରେ ସଭାପତିତ୍ୱକୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନଗର ସମ୍ପାଦକ ବିଦ୍ୟାର୍ଥୀ ମାନଙ୍କୁ ଏ୨୦ ଓ ଏଥିରେ ଭାରତର ସଭାପତିତ୍ୱ ବିଷୟରେ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପିଂଟୁ ସ୍ୱାଇଁ, ବିଶ୍ୱବିଦ୍ୟାଳୟ ଶାଖା ସମ୍ପାଦକ ପଂଚାନନ ଦୁର୍ଗା, ନଗର ସହ ସମ୍ପାଦକ ଅଭିଷେକ ନନ୍ଦ, ମିଳନ ରଣା, ତରୁଣ ସୁନା, ଅଜୟ କୁମାର, ବେଣୁଧର ସୁନାନୀ ଇତ୍ୟାଦି ଉପସ୍ଥିତ ଥିଲେ । ଆଗାମୀ ଦିନରେ ଭାରତର ଏହି ଉପଲବ୍ଧି ଗୁଡିକ ବିଷୟରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ପାଠ୍ୟଚକ୍ର ଓ ସଂଗୋଷ୍ଠୀ ମାଧ୍ୟମରେ ଏବିଭିପି କାର୍ଯ୍ୟ କରିବ ବୋଲି ନଗର ସମ୍ପାଦକ ସୂଚନା ଦେଇଛନ୍ତି ।

## ଜିଲ୍ଲା ସ୍ତରୀୟ ସରଗି ଫୁଲ ଓ ଶିଶୁ ମହୋତ୍ସବ

ନୂଆପଡା,(ପି.ଏନ): ନୂଆପଡା ଜିଲ୍ଲା ସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ ଖଡ଼ିଆଳ ବ୍ଲକର କୁଲିଗାଁ ସ୍ଥିତ ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।ଏନେଇ ଅନୁଷ୍ଠିତ ସଭାରେ ଜିଲ୍ଲା ମଙ୍ଗଳ ଅଧିକାରୀ ନନ୍ଦୀ କିଶୋର ତାଣ୍ଡି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣର ବିକାଶ ହୋଇ ପାରିବ ବୋଲି କହିଥିଲେ ।ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡୋଲି ମାଝୀ ଓ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ଓ ବିଧାୟକ ପ୍ରତିନିଧି ଭାବରେ ଅକ୍ଷୟ ନନ୍ଦ ଏହି କାର୍ଯ୍ୟକ୍ରମ ଆଗକୁ ବଢିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଯୋଗାଇବ ଓ ଭବିଷ୍ୟତରେ ଦେଶରେ ସେମାନେ ପ୍ରତିଷ୍ଠିତ ବ୍ୟକ୍ତି ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ ।ଏଅବସରରେ ଜିଲ୍ଲାର ଏସ ଟି ଏସ ସି ଆବାସିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।ସେମାନଙ୍କ ମଧ୍ୟରେ ଡ୍ରଇଂ ଅଙ୍କନ, ନିବନ୍ଧ ଲିଖନ, କ୍ୱିଜ ପ୍ରତିଯୋଗିତା,ଭଲିବଲ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା ଆଜିର କାର୍ଯ୍ୟକ୍ରମ କୁ କୁଲିଗାଁ ଆଶ୍ରମ ବିଦ୍ୟାଳୟ ର ସହ ଶିକ୍ଷକ ରଜନୀକାନ୍ତ ଯୋଷି ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବ୍ଲକ ସମ୍ପ୍ରସାରଣ ଅଧିକାରୀ । ଶପ୍ରଭା ପାଣିଗ୍ରାହୀ ଓ ଏଥିରେ ସମସ୍ତ ଆଶ୍ରମ ବିଦ୍ୟାଳୟ ର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ ।

## ଛତିଶଗଡ଼ ତନୁକୁ ହତ୍ୟା ଅଭିଯୋଗରେ କଂଟାବାଞ୍ଜି ପୋଲିସ ପ୍ରେମିକ ସଚିନକୁ ଗିରଫ କଲା

ବଲାଙ୍ଗିର,(ପି.ଏନ): ବଲାଙ୍ଗୀର ଜିଲ୍ଲାର ତୁରେକେଲା ନିକଟ ଜଙ୍ଗଲ ରୁ ଗତ ୨୪ ନଭେମ୍ବରରେ ଜଣେ ଯୁବତୀର ଅର୍ଦ୍ଧ ଦଗ୍ଧ ଶବ ଉଦ୍ଧାର ହୋଇଥିଲା। ତେବେ ପୋଲିସର ତଦନ୍ତ ପରେ ଏହି ଯୁବତୀର ପରିଚୟ ମିଳିଛି। ଯୁବତୀ ଜଣକ ଛତିଶଗଡ ରାଜ୍ୟ ରାୟପୁର ର ତନୁ କୁରେ ବୋଲି ଜଣା ପଡିଛି। ତେବେ ମୃତ ତନୁ କୁରେ ରାୟପୁରର ମୋବା ସ୍ଥିତ ଏକ୍ସିସ୍ ବ୍ୟାଙ୍କ ରେ କାମ କରୁଥିଲେ ଏବଂ ଏହି ମଧ୍ୟରେ ତାଙ୍କସହ ବଲାଙ୍ଗୀର କଂଟାବାଞ୍ଜି ର ଯୁବକ ସଚିନ ଅଗ୍ରୱାଲ ସହିତ ଚିହ୍ନା ପରିଚୟ ହୋଇଥିଲା। ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠି ଥିଲା। ତିନି ବର୍ଷ ର ସମ୍ପର୍କ ପରେ ପ୍ରେମିକ ତାଙ୍କୁ ହତ୍ୟା କରିଥିବାର ଅଭିଯୋଗ ଆସିଛି ।ସୂଚନା ଅନୁସାରେ ଗତ ନଭେମ୍ବର ୨୧ ତାରିଖରେ ତନୁ କୁର ନିଖୋଜ ହୋଇଥିଲେ ଏବଂ ପରିବାର ଲୋକେ ଗତ ୨୨ ତାରିଖରେ ନିଖୋଜ ଅଭିଯୋଗ ଥାନାରେ କରିଥିଲେ। ୨୪ ତାରିଖ ନଭେମ୍ବର ରେ ବଲାଙ୍ଗୀର ତୁରେକେଲା ଜଙ୍ଗଲରୁ ମିଳିଥିବା ଯୁବତୀଙ୍କ ମୃତ ଦେହ ଖବରପାଇ ଛତିଶଗଡ ପୋଲିସ୍ ଓ ଯୁବତୀର ପରିବାର ଲୋକେ ବଲାଙ୍ଗୀର ଆସିଥିଲେ। ଯୁବତୀଙ୍କୁ ତାଙ୍କର ଝିଅ ତନୁ କୁରେ ବୋଲି ଚିହ୍ନଟ କରିଥିଲେ। ସେହିପରି ପୋଲିସ୍ ପାଖରେ ସେମାନେ ଝିଅର ପ୍ରେମିକ ସଚିନ ଅଗ୍ରୱାଲଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ। ତେବେ ଗତକାଲି ବଲାଙ୍ଗୀର ପୋଲିସ୍ ଓ ଛତିଶ ଗଡ ପୋଲିସ୍ ଯୁବତୀ ର ପ୍ରେମିକ ସଚିନ ଅଗ୍ରୱାଲଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବାର ବଲାଙ୍ଗୀର ଏସ ପି ନୀତିନ କୁସଲକର ସୂଚନା ଦେଇଛନ୍ତି।

## ସ୍ଥାୟୀ ନିଯୁକ୍ତି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜନସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦାବିପତ୍ର

କେନ୍ଦ୍ରାପଡ଼ା, (ପି.ଏନ): ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ଓଡିଶା କେନ୍ଦ୍ରାପଡା ଶାଖା ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିକରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ମାନେ ବର୍ଷ ବର୍ଷ ଧରି ସହାରଂଚଳ ଓ ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥାରେ ସ୍ଥାୟୀ କାର୍ଯ୍ୟକରି ଆସୁଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ଏହି କର୍ମଚାରୀ ମାନଙ୍କର ଚାକିରୀକୁ ସ୍ଥାୟୀ କରିବା ପାଇଁ ସରକାର କୌଣସି ପଦକ୍ଷେପ ନ ନେବାରୁ ଏମାନଙ୍କ ଭବିଷ୍ୟତ ସୁରକ୍ଷା ଦୃଷ୍ଟିରୁ ସରକାର ତଥା ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ୍ଷ ହସ୍ତକ୍ଷେପ କରି ସ୍ଥାୟୀ ନିଯୁକ୍ତି ପାଇଁ ଆବଶ୍ୟକ ସୁପଦକ୍ଷେପ ନେବାପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି । ରାଜ୍ୟରେ ୫୭ ହଜାର ଠିକା କର୍ମଚାରୀ ମାନେ କାର୍ଯ୍ୟକରି ଆସୁଛନ୍ତି। ସେମାନଙ୍କ ପ୍ରତି ସରକାର ଅବହେଳା ପ୍ରଦର୍ଶନ କରିବାକୁ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ସଂପାଦକ ଭାଗିରଥୀ ମହାନ୍ତିଙ୍କ ନେତୃତ୍ୱରେ ସୌରଭ କୁମାର ନାୟକ, ବିଜୟ ପ୍ରସାଦ ସିଂହ, ସଂଜୟ କୁମାର ମାଟି, ସେକ ଅବଦୁଲ ରଉଫ, ସେକ ରସିଦ୍, ଶଶିକାନ୍ତ ପାତ୍ର, କୈଳାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା

ଭୁବନ, (ପି.ଏନ): ଭୁବନ ଏନଏସି ଅନ୍ତର୍ଗତ ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦଘାଟନ କରି କହିଥିଲେ ଯେ, ବିଜ୍ଞାନ ମେଳା ଆୟୋଜନ ଦ୍ୱାରା କୁନି ବୈଜ୍ଞାନିକ ସୃଷ୍ଟିହେବେ ଓ ପିଲାମାନଙ୍କ ମଧ୍ୟରେ କିଛି ନୂଆକରି ଦେଖାଇବା ପାଇଁ ପ୍ରତିଦ୍ୱନ୍ଦିତା ମନୋଭାବ ସୃଷ୍ଟିହେବ। ଗୋଷ୍ଠୀ ଶିକ୍ଷାଧିକାରୀ ରୁଦ୍ର ନାରାୟଣ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ ସାହୁ, ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସାଂସଦଙ୍କ ବ୍ୟକ୍ତିଗତ ସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର ଯୋଗ ଦେଇଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


## ବାଲିଆ ବାଣ ବିସ୍ଫୋରଣଘଟଣାରେ କେନ୍ଦ୍ରାପଡା କଂଗ୍ରେସର ଆହତଙ୍କୁ ସହାୟତାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସ କମିଟିର ପ୍ରତିନିଧିଗଣ ଆଜି ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସେମାନେ ଏହି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାଲିଆଠାରେ ନଭେମ୍ବର ୨୩ତାରିଖରେ ଭୟଙ୍କର ବାଣ ଦୁର୍ଘଟଣା ଘଟି ଇତିମଧ୍ୟରେ ୧୦ଦିନ ବିତିଯାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କର କୌଣସି ସହାୟତା କିମ୍ବା ସହାନୁଭୂତି ମିଳିପାରିନାହିଁ । ଏହି ୧୦ଦିନ ମଧ୍ୟରେ ଦୁଇଜଣ ପ୍ରାଣ ହରାଇଛନ୍ତି ଓ ୬ଜଣ ଏସ.ସି.ବି. ମେଡିକାଲ କଲେଜର ଆଇସିୟୁରେ ସଙ୍କଟାପର୍ଣ୍ଣ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସରକାରଙ୍କ ତରଫରୁ ଜିଲାପାଳ ଆଇସିୟୁ ରୋଗୀଙ୍କ ପାଇଁ ୨୦ହଜାର ଓ ସାଧାରଣ ବେଡ୍‌ରେ ଥିବା ରୋଗୀମାନଙ୍କୁ ୧୦ହଜାର ଟଙ୍କା ଦେଇ ହାତ ଟେକିଦେଛନ୍ତି । ଏପରିଏକ ମର୍ମନ୍ତୁଦ ଘଟଣାପ୍ରତି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆମ ନଗର ଓ ବ୍ଲକ କଂଗ୍ରେସ କମିଟି ଏହାକୁ ଘୋର ନାପସନ୍ଦ କରୁଛି। ଆମ ଜିଲାର ନିର୍ବାଚିତ ପ୍ରତିନିଧିମାନେ କେବଳ ଡାକ୍ତରଖାନାରେ ରୋଗୀମାନଙ୍କୁ ଦର୍ଶନକରି ଆତ୍ମ ସନ୍ତୋଷ ଲାଭକରୁଛନ୍ତି । ପ୍ରାଣ ହରାଇଥିବା ୨ଜଣଙ୍କ ମଧ୍ୟରୁ ପୌରା ଳର ଜୟୀପୁରା ଗ୍ରାମର ସ୍ୱର୍ଗତ ପିଂଟୁ ଖାଁଙ୍କ ପରିବାରକୁ ଅତିରିକ୍ତ ୩୦ହଜାର ଟଙ୍କା ଜିଲା ପ୍ରଶାସନ ପ୍ରଦାନକରି ନୀରବ ରହିଛନ୍ତି । ଏହା କିନ୍ତୁ କେବଳ ଜନ ଆନ୍ଦୋଳନ ଫଳରେ ସମ୍ଭବ ହୋଇଛି । କଂଗ୍ରେସ ତରଫରୁ ଓଡ଼ିଶା ବିଧାନସଭାରେ କଂଗ୍ରେସ ବିଧାୟକ ଦଳନେତା ନରସିଂହ ମିଶ୍ର ଓ କଂଗ୍ରେସ ବିଧାୟକ ଦଳର ମୁଖ୍ୟ ଛାଟିଆ ତାରା ପ୍ରସାଦ ବାହିନୀ ପତି ଏହି ପ୍ରସଙ୍ଗ ଉଠାଇ ଘୋର ଉଦବେଗ ପ୍ରକାଶ କରିବା ସହ ମୃତ ତଥା ଆହତ ପରିବାରକୁ ଆର୍ଥିକ ସହାୟତା ଓ ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ ଦଣ୍ଡ ବିଧାନପାଇଁ ସରକାରଙ୍କଠାରେ ଦୃଢ ଦାବି କରିଛନ୍ତି । ସୁତରାଂ ମୁଖ୍ୟମନ୍ତ୍ରୀ ବାଲିଆ ବାଣ ଦୁର୍ଘଟଣାର ଦୁଃଖଦ ସ୍ଥିତିପ୍ରତି ସମ୍ବେଦନଶୀଳହୋଇ ଅବିଳମ୍ବେ ଦାବିଗୁଡିକ ପୂରଣ କରିବାପାଇଁ ତତ୍ପର ହେବାପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ସେମାନଙ୍କ ଦାବିଗୁଡିକ ହେଉଛି ପ୍ରାଣ ହରାଇଥିବା ୨ଟି ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଦିଆଯାଉ, ଚିକିତ୍ସିତ ହେଉଥିବା ସମସ୍ତ ଆଇସିୟୁରେ ୧୨ଜଣ ଓ ସର୍ଜରୀ ୱାର୍ଡରେ ୧୪ଜଣ ରୋଗୀମାନଙ୍କ ପ୍ରତି ଚିକିତ୍ସା ଅବହେଳା ଘଟୁଥିବା ଅଭିଯୋଗର ତଦନ୍ତ କରାଯାଉ ଓ ତଦନୁଯାୟୀ ଯୁଦ୍ଧ କାଳୀନ ଭିତିରେ ଉପଯୁକ୍ତ ଚିକିତ୍ସା ଦିଆଯାଉ, ସମସ୍ତ ଚିକିତ୍ସାଧିନ ରୋଗୀମାନଙ୍କ ପରିବାରକୁ ଅନ୍ୟୁନ ୧ଲକ୍ଷ ଟଙ୍କା ସହାୟତା ରାଶି ଦିଆଯାଉ, ଏହି ବାଣ ଦୁର୍ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ଏହି ଘଟଣାର ତଦନ୍ତ କରୁଥିବା ଆଇ.ଜି.ଙ୍କ ରିପୋର୍ଟ ତୁରନ୍ତ ସର୍ବସାଧାରଣରେ ପ୍ରକାଶ କରାଯାଉ । ମାନବିକତା ଦୃଷ୍ଟିକୋଣରୁ କେନ୍ଦ୍ରାପଡା ନଗର ଓ ବ୍ଲକ କଂଗ୍ରେସ କମିଟିର ଦାବି ଗୁଡିକୁ ପୁରଣ କରିବାରେ କାଳ ବିଳମ୍ବ କରିବେନାହିଁ । ଆମକୁ ନିରାଶ କଲେ ମୃତ ବ୍ୟକ୍ତିଙ୍କ ପରିବାର ଓ ଆହତଙ୍କ ସ୍ୱାର୍ଥ ଦୃଷ୍ଟିରୁ କଂଗ୍ରେସଦଳ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବ । ଦାବିପତ୍ର ପ୍ରଦାନ ସମୟରେ ଚିତ୍ରସେନ ପରିଡା, ରାଜେଶ ମହାନ୍ତି, ପ୍ରଫୁଲ୍ଲ ଦାସ, ମୁକ୍ତାର ଖାଁ, ପରବେଜ୍ ଅକ୍ତର, ଧରଣୀଧର ସୁଆର, ସୌମେନ୍ଦ୍ର ପୃଷ୍ଟି, ଆଦିତ୍ୟ ପତି, ଆଇନଜିବୀ ସୁରେଶ ଚନ୍ଦ୍ର ପ୍ରଧାନ, ଗଣେଶ ମେକାପ, ବିଭୂତି ଭୂଷଣ ଦାଶ, ସୁଜୟ ଦାସ, ମୀର୍ ମୁରସିଦ୍, ଗୋବିନ୍ଦ ସେନାପତି, କମଳାକାନ୍ତ ବେହେରା ପ୍ରମୁଖ ଉପସ୍ଥିତଥିଲେ ।






# ଷଣ୍ଢକୁଦ ଗ୍ରାମ୍ୟ କମିଟି କାର୍ଯ୍ୟାଳୟ ଉଦ୍‌ଘାଟନ ସମାରୋହ

ପାରାଦୀପ,(ପି.ଏନ): ପାରାଦୀପର ଷଣ୍ଢକୁଦ ବସ୍ତି ନିକଟରେ ନିର୍ମାଣ ହେବାକୁ ଯାଉଥିବା ନୁମାଲିଗଡ ରିଫାଇନାରୀ ପ୍ରକଳ୍ପରେ ନିଯୁକ୍ତି ଓ କର୍ମସଂସ୍ଥାନ ପାଇଁ ଷଣ୍ଢକୁଦବାସୀ ଦାବୀ ଓ ଆନ୍ଦୋଳନ କରି ଆସୁଛନ୍ତି । ଏହି ଆନ୍ଦୋଳନରେ ରବିବାର ଦିନ ସାମିଲ ହୋଇଛନ୍ତି ପାରାଦୀପର ପୌରାଧ୍ୟକ୍ଷ, ଉପାଧ୍ୟକ୍ଷା ଓ ପାରିଷଦମାନେ । ରବିବାର ଦିନ ପୂର୍ବାହ୍ନରେ ଷଣ୍ଢକୁଦ ବସ୍ତିରେ ଷଣ୍ଢକୁଦ ଗ୍ରାମ୍ୟ ସୁରକ୍ଷା କମିଟିର ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ । ପୌରାଧ୍ୟକ୍ଷଙ୍କ ସହିତ ଉପାଧ୍ୟକ୍ଷା ଛବି ଲତା ରାଉତ, ସ୍ଥାନୀୟ ତିନି ପାରିଷଦ ରୁନି ପରିଡା,କେ.ଜଗନ୍ନାଥ ରାଓ,ନବ କୁମାର ବେହେରାଙ୍କ ସମେତ ପାରିଷଦ ସୁଶାନ୍ତ ଦାସ, ମନୋଜ କୁମାର ନାୟକ,ଅଜିତ କୁମାର ଷଡଙ୍ଗୀ



ପୂର୍ବତନ ପାରିଷଦ ଶଙ୍କର ପ୍ରସାଦ ରାଉତ,ମନୋଜ କୁମାର ବେହେରା, ବରିଷ୍ଠ ବିଜେଡି ନେତା ଉଲ୍ଲାସ ବିଶ୍ୱାଳ,ନଗର ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର,କେ. ସୁବା ରାଓ ପ୍ରମୁଖ ଯୋଗ ଦେଇଥିଲେ । ଅଟୋ ଷ୍ଟାଣ୍ଡରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସମଗ୍ର ବସ୍ତି ପରିକ୍ରମା କରି ଦୂର୍ଗା ପୂଜା ପେଣ୍ଡାଲ ନିକଟରେ ପହଂଚିଥିଲା । ବିଗତ ଦିନରେ କମ୍ପାନୀ କର୍ତ୍ତୃପକ୍ଷ ବସ୍ତିବାସିନ୍ଦାଙ୍କ ଦାବି ଗୁଡିକ ପୁରଣ ନ କରି କାମ ଆରମ୍ଭ କରିଛି । କମ୍ପାନୀ କର୍ତ୍ତୃପକ୍ଷ ବସ୍ତିବାସିନ୍ଦାଙ୍କ ସମସ୍ୟା ଓ ଦାବୀକୁ ଅଣଦେଖା କରିଛି । ସ୍ଥାନୀୟ ପୌର ପରିଷଦ ଓ ପାରିଷଦମାନେ ଏହାକୁ କେବେବେ ହେଲେବି ଏହାକୁ ବରଦାସ୍ତ କରିବେନି ବୋଲି ନେତାମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଷଣ୍ଢକୁଦ ବସ୍ତିବାସିନ୍ଦା ହଜାର ହଜାର ସଂଖ୍ୟାରେ ସାମିଲ ହୋଇ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳଙ୍କୁ ସମର୍ଥନ କରିଥିଲେ ।

## କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଂଟକୁ ନେଇ ସାମ୍ବାଦିକ ସମ୍ମିଳନୀ

ଧର୍ମଶାଳା,(ପି.ଏନ): ଇ କଳ୍ପତରୁ ଦାସ କ୍ରିକେଟ୍ ଟୁର୍ଣ୍ଣାମେଂଟ ଆୟୋଜକଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାଠାରେ ଅନୁଷ୍ଠିତ ହୋଇଯାଇଛି । କଳ୍ପତରୁ ଦାସ ନେସନାଲ ଫାଉଁଣ୍ଡେସନ ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ପ୍ରତିବର୍ଷ ପରି ଚଳିତ ବର୍ଷ ଫାଉଁଣ୍ଡେସନ ପକ୍ଷରୁ କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହେବ । ଏହି ଟୁର୍ଣ୍ଣାମେଂଟରେ ଧର୍ମଶାଳା,କୋରାଇ ଓ ବରୀ ନିର୍ବାଚନ ମଣ୍ଡଳୀର ୭୩ଟି କ୍ରିକେଟ୍ ଟିମ୍ ଅଂଶ ଗ୍ରହଣ କରିବେ । ଚଳିତ ମାସ ୭ ତାରିଖ ଦିନ ଟ୍ରଫି ଉନ୍ମୋଚନ କରାଯିବା ସହ ଫେବୃଆରୀ ମାସ ୧୧ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ । ଏହି ଫାଇନାଲ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଧାୟକ ଓ ବିଧାୟିକା ଯୋଗଦେବାର କାର୍ଯ୍ୟ ସ୍ଥିର ହୋଇଥିବା ନେଇ ଏହି ସାମ୍ବାଦିକ ସମ୍ମିଳନୀରେ ଫାଉଁଣ୍ଡେସନର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସୂଚନା ଦେଇଛନ୍ତି ।

## କଳାହାଣ୍ଡି ଜିଲ୍ଲାରେ ନିରନ୍ତର ବିକାଶ ଲକ୍ଷ୍ୟ ନେଇ ୨ ଦିନିଆ କର୍ମଶାଳା

ଭବାନୀପାଟଣା, (ପି.ଏନ): କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ (ଡ଼ିପିଏମୟୁ) କଳାହାଣ୍ଡିର ମିଳିତ ଆନୁକୁଲ୍ୟରେ ଓଡିଶାର ନିରନ୍ତର ବିକାଶ ଲକ୍ଷରେ ୨୦୩୦ କାର୍ଯ୍ୟସୂଚିର ରୂପାୟନ ବିଷୟ ବସ୍ତୁ ନେଇ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ପି. ଅନ୍ୱେଷା ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପାଓ୍ୱାର ସଚିନ ପ୍ରକାଶ, ରାଜ୍ୟ ଯୋଜନା ଏବଂ ସଂଯୋଜନା ବିଭାଗର ସହ ନିର୍ଦ୍ଦେଶିକା ଅଳକା ଜେନା, ଡ଼ିପିଏମୟୁ ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ମଂଚାସୀନ ଥିଲେ । ଏହି ଅବସରରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ କଳାହାଣ୍ଡି ଜିଲ୍ଲାର ନିରନ୍ତର ବିକାଶ ଲକ୍ଷରେ ୨୦୩୦ କାର୍ଯ୍ୟସୂଚିର ସଫଳ ରୂପାୟନ ପାଇଁ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ମାନଙ୍କର ଭାଗୀଦାରୀ ଏକାନ୍ତ ଆବଶ୍ୟକ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଏଥିସହ ପଂଚାୟତ ସ୍ତରରେ ଗ୍ରାମପଂଚାୟତ ଉନ୍ନୟନ ଯୋଜନା କରିବା ସମୟରେ ନିରନ୍ତର ବିକାଶ ଲକ୍ଷ୍ୟର (ଏସ.ଡ଼ି.ଜି) ୧୭ ଟି ଲକ୍ଷ, ୯ ଟି ବିଷୟ ବସ୍ତୁକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରିବା ପାଇଁ କହିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ତଥା କଳାହାଣ୍ଡି ଜିଲ୍ଲା ଏସଡିଜି ନୋଡାଲ ଅଧିକାରୀ ପାଓ୍ୱାର ସଚିନ ପ୍ରକାଶ ନିରନ୍ତର ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ଏକାଭିମୁଖୀ ହେବା ଏବଂ ସମସ୍ତ ଗ୍ରାମ ପଂଚାୟତର ସାମୁହିକ ବିକାଶର ଗୁରୁତ୍ୱ ଦେବା ପାଇଁ ପ୍ରକାଶ କରିଥିଲେ । ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ଦେଇଥିଲେ । ଏଥିରେ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଅବସର ପ୍ରାପ୍ତ ପ୍ରଫେସର, ସହକାରୀ ପ୍ରଫେସର, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ (ଡ଼ିପିଏମୟୁ)ର ଅନ୍ୟ ଅଧିକାରୀ, ଏନଜିଓ କର୍ମକର୍ତା, ଏସଡ଼ିଜି ପରାମର୍ଶଦାତା ଡା. ରମେଶ ଚାଲାନ, ଏସ.ଡ଼ି.ଜି କୋଷ କାର୍ଯ୍ୟକ୍ରମ ପରିଚାଳକ, ଭେଙ୍କଟେସ, ଗ୍ରାମ ବିକାଶ କାର୍ଯ୍ୟକ୍ରମ ପରିଚାଳକ ଆଶୁତୋଷ ଭଟଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ ।

## ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପକ୍ଷରୁ ଜେଜେ ବାପା,ଜେଜେ ମାଆ ସମ୍ମିଳନୀ

ପାରାଦୀପ,(ପି.ଏନ): ପାରାଦୀପସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦରି ପରିସରରେ ଜେଜେ ବାପା,ଜେଜେ ମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାରଳା ସଂସ୍କୃତିର ଗବେଷକ ରମାକାନ୍ତ ରାଉଳ ଯୋଗ ଦେଇ ଆଜିର ସମାଜରେ ଜେଜେ ବାପା, ଜେଜେ ମାଆଙ୍କର ଭୂମିକା ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଦ୍ୟାମନ୍ଦରିର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ପ୍ରଧାନ । ପରିଚାଳନା କମିଟିର ସମ୍ପାଦକ ଡା. ଦେବଦତ୍ତ ସାମନ୍ତରାୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଉପ ପ୍ରଧାନ ଆଚାର୍ଯ୍ୟା ମମତା କର । ଧନ୍ୟବାଦ ଅର୍ପଣ କରିଥିଲେ ଭିମସେନ ନାଥ ଶର୍ମା । ପାରାଦୀପର ଏହି ଶିକ୍ଷାନୁଷ୍ଠାନ ଏଭଳି ଭାବେ କାର୍ଯ୍ୟକ୍ରମର ଆୟୋଜନ ନିୟମିତ ଭାବେ କରୁଥିବାରୁ ଏହି ଉଦ୍ୟମକୁ ସମସ୍ତେ ଧନ୍ୟବାଦ ଜଣାଇଥିଲେ ।

## ବଗଡା ପ୍ରାଥମିକ କୃଷି ସମବାୟ ସମିତିରେ ବେଆଇନ କାର୍ଯ୍ୟ ଓ ଦୁର୍ନୀତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦର ସଦସ୍ୟମାନେ ସୋମବାର ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ସେହି ସମବାୟ ସମିତିରେ ଚାଲିଥିବା ବେଆଇନ କାର୍ଯ୍ୟ ଓ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ ସେହି ସମିତିର ସମ୍ପାଦକ ଦୀର୍ଘଦିନ ଧରି ମନମୁଖୀ ଭାବେ ବେଆଇନ ତଥା ଅନିୟମିତତା କାର୍ଯ୍ୟ କରିଆସୁଛନ୍ତି । ଫଳରେ ସମିତି ଏକ କୋଟିରୁ ଅଧିକ ପରିମାଣର କ୍ଷତିରେ ବୁଡି ରହିଛି । ଏହି ସ୍ଥିତିରେ ସୁଧାର ଆଣିବା ପାଇଁ ନବଗଠିତ ପରିଷଦର ପ୍ରଥମ ବୈଠକରେ ସମବାୟ ସମିତି ସମୁହର ସହକାରୀ ନିବନ୍ଧକଙ୍କ ଉପସ୍ଥିତିରେ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଗୁଡିକୁ ସମ୍ପାଦକ ଅବଜ୍ଞା କରି ଚାଲିଛନ୍ତି । ସମିତିରେ ଚାଲିଥିବା ବ୍ୟାପକ ଦୁର୍ନୀତିରେ ସ୍ୱଛତା ଆଣିବା ପାଇଁ ସମବାୟ ଆଇନର ନିୟମ ୬୫ ଅନୁଯାୟୀ ୨୦୦୬ ମସିହା ଠାରୁ ଏଯାବତ ଆୟବ୍ୟୟର ସ୍ୱତନ୍ତ୍ର ସମୀକ୍ଷା କରିବା ନିମନ୍ତେ ସମିତିର ନିର୍ଦ୍ଦେଶକମାନେ ସହକାରୀ ନିବନ୍ଧକଙ୍କୁ ବାରମ୍ବାର ଜଣାଇବା ପରେ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ । ଫଳରେ ସମିତିର ନିର୍ଦ୍ଦେଶକମାନେ ଗତ ନଭେମ୍ବରମାସ ୧୪ତାରିଖରେ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ । ସହକାରୀ ନିବନ୍ଧକ ନଭେମ୍ବରମାସ ୨୩ତାରିଖରେ ବିଭାଗୀୟ ତଦନ୍ତ କରିବେ ବୋଲି ପ୍ରତିଶୃତି ପ୍ରଦାନ କରିବାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ତେଣୁ ସମବାୟ ସମିତି ଭବିଷ୍ୟତର ସୁରକ୍ଷା ଦୃଷ୍ଟିରୁ ଯଥା ଶୀଘ୍ର ସ୍ୱତନ୍ତ୍ର ସମୀକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାନଗଲେ ନିର୍ଦ୍ଦେଶକମାନେ ପୁନର୍ବାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଥିଲେ । ସମିତିର ନିର୍ଦ୍ଦେଶକ ମାନସରଞ୍ଜନ ପ୍ରଧାନ, ପ୍ରତାପ କୁମାର ଜେନା, ଧରଣୀଧର ପାତ୍ର, ସୁରେନ୍ଦ୍ର ମୋହନ ସାହୁ, ଜୟନ୍ତ କୁମାର ପରିଡା, ପ୍ରମିଳା ସାହୁ ଓ ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ।

## ବୃଷଭ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଭିନ୍ନକ୍ଷମଙ୍କୁ ସମ୍ବର୍ଦ୍ଧନା

ପାରାଦୀପ,(ପି.ଏନ):ପାରାଦୀପ ବାଲିଯାତ୍ରା ପଡିଆ ମୁଖ୍ୟ ଦ୍ୱାର ସମ୍ମୁଖରେ ଶନିବାର ରାତିରେ ଚୋରି ହୋଇଥିବା ନେଇ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଛି । ଖବର ଅନୁଯାୟୀ ପାରାଦୀପ ବାଲିଯାତ୍ରା ପଡିଆ ଓ ଲାଇଟ୍ ହାଉସ୍ ମଧ ଦେଇ ଯାଇଥିବା ମେରାଇନ୍ ଡ୍ରାଇଭ୍ ରାସ୍ତା ପାର୍ଶ୍ୱରେ ପର୍ଯ୍ୟଟକମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଚଟପଟି ଖାଦ୍ୟ,ଫାଷ୍ଟଫୁଡ୍,ଚା ଓ ପାନ ଦୋକାନ ରହିଛି । ସେଥିରୁ ଦି ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି କିଛି କ୍ଷୁଦ୍ର ଓ ନାମମାତ୍ର ବ୍ୟବସାୟୀ । କିନ୍ତ ପରିତାପର ବିଷୟ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ



କାଶିନାଥ ସାହୁ,ସାବିତ୍ରୀ ଦାସ ଓ ଆରତୀ ପ୍ରଧାନଙ୍କ ଦୋକାନରୁ ତାଲା ଭାଙ୍ଗି ଚୋରୀ କରି ନୋଇଥିବା ଥାନାରେ ଅଭିଯୋଗ ହୋଇଛି । ରବିବାର ଦିନ ପୂର୍ବାହ୍ନରେ ଏହି ବ୍ୟବସାୟୀମାନେ ଜଟାଧାର ମୁହାଣ ସାମୁଦ୍ରିକ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ୍ ତଦନ୍ତ ଆରମ୍ଭ କରିଛି । ପ୍ରକାଶଥାଉକି ଦୁଇ ଦିନ ପୂର୍ବେ ଏହି ସ୍ଥାନରୁ ଅନ୍ୟ ଦୋକାନରୁ ମଧ ସମାନ ଭାବେ ଚୋରି ହୋଇଥିଲା ।

## ରାମକୋ ସିଂମେଟ କାରଖାନାରେ ସିକ୍ୟୁରିଟି ଗାର୍ଡଙ୍କ ସନ୍ଦେହଜନକ ମୃତ୍ୟୁ

ଧର୍ମଶାଳା,(ପି.ଏନ),: ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ରାମକୋ ସିଂମେଟ କାରଖାନାର ଜଣେ ସିକ୍ୟୁରିଟି ଗାର୍ଡଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି । ଏଭଳି ସନ୍ଦେହଜନକ ମୃତ୍ୟୁକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର କାରଣ ପାଲଟିଛି । ମୃତକ ଜଣକ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ସୁଜନପୁର ଅଂଚଳର ସ୍ୱର୍ଗତ ମଙ୍ଗୁଳି ଚରଣ ରାଉତଙ୍କ ପୁଅ ଦେବେନ୍ଦ୍ର(୫୦) ବୋଲି ଜଣାପଡିଛି । କମ୍ପାନୀ ପକ୍ଷରୁ ଧର୍ମଶାଳା ପୋଲିସକୁ ଜଣାଇ ଘଟଣାକୁ ଦଫାରଫା କରିବାକୁ ଉଦ୍ୟମ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି ।ସୂଚନା ମୁତାବକ, ଦେବେନ୍ଦ୍ର ହରିଦାସପୁରସ୍ଥିତ ରାମକୋ ସିଂମେଟ କାରଖାନାରେ ସିକ୍ୟୁରିଟି ଗାର୍ଡଭାବେ କାମ କରୁଥିଲେ । ତେବେ ଆଜି ସକାଳେ କାର୍ଯ୍ୟରେ ଯୋଗ ଦେବା ବିଳମ୍ବ ହେବାରୁ , ଅନ୍ୟ ସାଥିମାନେ କମ୍ପାନୀ ନିକଟରେ ରହୁଥିବା ଘରକୁ ଖୋଜିବାକୁ ଯାଇଥିଲେ । ଫଳରେ ଘର ଭିତରରେ ଦେବେନ୍ଦ୍ର ଶୋଇ ରହିଥିବା ଦେଖିବାକୁ ପାଇଥିଲେ । ସେ ନ ଉଠିବାରୁ କମ୍ପାନୀ କର୍ମଚାରୀ ତାଙ୍କୁ ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଧର୍ମଶାଳା ପୋଲିସ ମେଡିକାଲରେ ପଂହଚି ମୃତ ଦେହକୁ ଜବତ କରି ତରବରିଆଭାବେ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି ।

## ନୁମାଲିଗଡ ରିଫାଇନାରୀ କମ୍ପାନୀ ଆଗରେ ଧାରଣା ଦେଲେ ବିଧାୟକଙ୍କ ସମର୍ଥକ



ପାରାଦୀପ,(ପି.ଏନ):ପାରାଦୀପ ପୌରାଧ୍ୟକ୍ଷ, ଉପାଧ୍ୟକ୍ଷା, ପାରିଷଦମାନେ ଗତ ରବିବାର ଦିନ ଏକ ବିରାଟ ଶୋଭାଯାତ୍ରା ଷଣ୍ଢକୁଦଠାରେ କରିବା ସହିତ ନୁମାଲିଗଡ ରିଫାଇନାରୀ କମ୍ପାନୀ(ଏନ୍.ଆର୍.ଏଲ୍.)ବିରୁଦ୍ଧରେ ବିଶଦଗାର କରିଥିଲେ । ଷଣ୍ଢକୁଦ ଗ୍ରାମ୍ୟ କମିଟିର କାର୍ଯ୍ୟାଳୟକୁ ପୌରାଧ୍ୟକ୍ଷ ଉଦଘାଟନ କରିଥିଲେ । ଏହାର ଜବାବରେ ସୋମବାର ଦିନ ପାରାଦୀପ ବିଧାୟକଙ୍କ ସମର୍ଥକମାନେ ଏନ୍.ଆର୍.ଏଲ୍.ର ଗେଟ୍ ରେ ତାଲା ପକାଇ ଆଗରେ ଧାରଣା ଦେଇଥିଲେ । ଷଣ୍ଢକୁଦ ନାଗରିକ ବିକାଶ ପରିଷଦ ନାମକ ସଙ୍ଗଠନ ବ୍ୟାନରରେ କିଛି ଦିନ ପୂର୍ବେ ଏକ ଶୋଭାଯାତ୍ରାରେ ଯାଇ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବୀପତ୍ର ଦିଆଯାଇଥିଲା । ଫଳ କିଛି ନ ମିଳିବାରୁ ବାଧ ହୋଇ ସୋମବାର ଦିନ ଧାରଣାକୁ ଓହ୍ଲାଇ ଥିଲେ । ଷଣ୍ଢକୁଦର ପୁରୁଷ, ମହିଳାମାନେ ଏହି ଧାରଣାରେ ସାମିଲ ହୋଇଥିଲେ । କମ୍ପାନୀ ତାର ପ୍ରତିଶୃତି ରକ୍ଷା କରି ପାରୁନି,ବାହାରୁ ଲୋକ ଆଣି କାମ କରାଉଥିବା ବେଳେ ଷଣ୍ଢକୁଦର ଗରୀବ ଲୋକମାନଙ୍କୁ କାମ ମିଳୁନି । କମ୍ପାନୀ ଓ ପ୍ରଶାସନକୁ ଏ ସମ୍ପର୍କରେ ଦାବୀପତ୍ର ଦିଆଯାଇଥିଲା । କମ୍ପାନୀ ବସ୍ତିର ଜଳ ନିଷ୍କାସନ ପଥ ଅବରୋଧ କରି ତା ଉପରେ ବାଲି ପୋତି ସାରିଲାଣି । ବର୍ତ୍ତମାନ ଜଳ ନିଷ୍କାସନ ରାସ୍ତା ବନ୍ଦ ହୋଇଯାଇଛି ବୋଲି ଅଭିଯୋଗ କରିଛନ୍ତି ଧାରଣାରେ ବସିଥିବା ଲୋକମାନେ, ଏବଂ ସେମାନେ ବିଧାୟକଙ୍କ ହସ୍ତକ୍ଷେପ ଲୋଡିଥିଲେ । ଆଗାମୀ ୪ରୁ ୫ ଦିନ ମଧ୍ୟରେ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ବିଧାୟକ ଫୋନ୍ ଯୋଗେ ଆନ୍ଦୋଳନକାରୀଙ୍କୁ କହିବା ପରେ ଧାରଣାରୁ ଉଠିଥିଲେ ଷଣ୍ଢକୁଦବାସୀ । ଏହି ଧାରଣାରେ କେ.ରାମବାବୁ, ଦୀପକ ବେହେରା, ଗଣେଷ ବେହେରା,ଗଦାଧର ଦାସ, ନିତ୍ୟାନନ୍ଦ ବେହେରା,ପ୍ରତିମା ବେହେରା,ଜିଲ୍ଲା ବିଜୁ ମହିଳା ଦଳ ସଭାନେତ୍ରୀ ସବିତା ମହାପାତ୍ର, ପାରିଷଦ ପ୍ରଭାତୀ ନାୟକ, ବରିଷ୍ଠ ବିଜେଡି ନେତା କୁମରବର ନାୟକ, ଶ୍ରମିକ ନେତା ରାକେଶ ପଟ୍ଟନାୟକ, ବିଧାୟକଙ୍କ ପ୍ରତିନିଧି ରଶ୍ମିରଂଜନ ପରିଡା ପ୍ରମୁଖ ସାମିଲ ହୋଇଥିଲେ । ଆଗକୁ ଘଟଣା କେଉଁ ମୋଡ ନେଉଛି ତାହା ଦେଖିବାକୁ ବାକି ରହିଲା ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray